# ସାକ୍ଷୀଗୋପୀନାଥଙ୍କ ଘୋଡ଼ଲାଗି ବେଶ

ସାକ୍ଷୀଗୋପାଳ, ୭।୧୨(ସମିସ): ସାକ୍ଷୀଗୋପାଳ ମନ୍ଦିରରେ ଓଢ଼ଣିଷଷ୍ଠୀ ପର୍ବ ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କର ପାରମ୍ପାରିକ ଘୋଡଲାଗି ବେଶ ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ସହିତ ଭଅଣ୍ଡ ଧୂପରେ ନୂତନ ଘୋଡଲାଗି, ଯାତଭୋଗ, ଉପଚାର ଓ ଆଳତି କରାଯିବାପରେ ଶୀତଯୋଗୁଁ ରେଶମ କପଡ଼ାରେ ପ୍ରସ୍ତୁତ ନୂଆଘୋଡ (ଚାଦର) ଠାକୁରଙ୍କ ସର୍ବାଙ୍ଗ ଶରୀରରେ ଢ଼ାଙ୍କି ଦିଆଯାଇଥିଲା। ମୁଖମଣ୍ଡଳ ବ୍ୟତିତ ମସ୍ତକରେ ମୁଣ୍ଡଘୋଡ ( ମଫଲର ) ବାନ୍ଧି ଦିଆଯାଇଥିଲା। ଏଭଳିବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରତିଦିନ ଅନୁଷ୍ଠିତ ହେବ ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କଠାରୁ ସୂଚନା ମିଳିଛି। ଏହି ସମୟରେ ଠାକୁରଙ୍କର କେବଳ ଶ୍ରୀମୁଖ ଦର୍ଶନ ମିଳିବ। ଅନୁରୂପ ଭାବେ ଶ୍ରୀରାଧାଙ୍କୁ ରେଶମ ଘୋଡରେ ଆଚ୍ଛାଦିତ କରାଯାଇଛି। ମନ୍ଦିର ବେଢ଼ାରେ ରହିଥିବା ଅନ୍ୟ ଠାକୁରଙ୍କ ମଧ୍ୟରେ ମଦନମୋହନ, ଗୋପୀନାଥ, ଗଣେଶ, ନୃସଂହ, ବଳିବାବନ, ଶୁକର, ନବଗ୍ରହ, ମହାବୀର, ଲକ୍ଷ୍ମୀ, ସରସ୍ୱତୀ, ରାମ ଲକ୍ଷ୍ମଣ, ସୀତା, ଗରୁଡ ଓ ପତିତପାବନଙ୍କୁ ଘୋଡଲାଗି କରାଯାଇଛି। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ପୂର୍ବାହ୍ନରେ ଭକ୍ତଙ୍କ ସମାଗମ ହୋଇଥିଲା।

# ନର୍ଦ୍ଦମାରେ ଆକ୍ରାମାକ୍ରା କୁଣ୍ଢେଇ କେନାଲ



ନୟାହାଟ, ୭।୧୨(ସମିସ): ଚାଷ ଜମିକୁ ଖରା ବର୍ଷା ଓ ଶୀତ ଦିନରେ ଜଳସେଚନ ବିଭାଗ ପକ୍ଷରୁ କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀ ଦ୍ୱାରା ପାଣି ଯୋଗାଇ ଦିଆଯାଉଥିବା ବେଳେ କୁଣ୍ଢେଇ କେନାଲ ଅଧିନରେ ତିରିଶିଟି ମାଇନର ସବ ମାଇନର କେନାଲ ରହିଛି। ଉକ୍ତ କେନାଲ ମାଧ୍ୟମରେ ଚାଷ ଜମିକୁ ଖରା ଦିନେ ପାଣି ଯୋଗାଇ ଦିଆଯାଉଥାଏ। ନୟାହାଟର ସାପ୍ତାହିକ ହାଟକୁ ଲାଗିଥିବା କୁଣ୍ଢେଇ କେନାଲ ଏବେ ନର୍ଦ୍ଦମା ପାଲଟିଛି। କେତେକ ପରିବା ବ୍ୟବସାୟୀ ଓ ମାଛ ବେପାରୀ ଅଳିଆ ଜମା କରିବା ଫଳରେ କେନାଲ ଧାରେ ଧାରେ ପୋତି ହୋଇ ଗଲାଣି। ଫଳରେ କାକଟପୁର ଜଳସେଚନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ କୁଣ୍ଢେଇ କେନାଲରେ ଜଳ ଧାରଣ ହ୍ରାସ ପାଉଛି ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ ଆମେ ବଜାର କମିଟି ଓ ହାଟ ମାଲିକମାନଙ୍କୁ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ କେହି ମାନୁ ନ ଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ୩୦ ଲିଟର ଦେଶୀ ମଦ ଜବତ; ୪ ଗିରଫ

ଗୋପ, ୭।୧୨(ସମିସ): ଅବକାରୀ ବିଭାଗ ପକ୍ଷରୁ ଗୋପ ଥାନା ଅଧିନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣା କରାଯାଇଛି। ନିମାପଡ଼ା ଅବକାରୀ ଅଧିକାରୀ ପାର୍ଥ ସାରଥୀ ରାଉତ, କୋଣାର୍କ ଅବକାରୀ ଅଧିକାରୀ ମନୋଜ କୁମାର ପ୍ରୁଷେଠ୍, ଏଏସ୍ଆଇ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢ଼ଉ କରାଯାଇଥିଲା। ପ୍ରଥମେ ଗୋପ ଥାନା ଅଧିନ ଓରୁଆଳି ଓ ଓରୁଆଳି ସାମିଲି ନୋଥପୁର ଗ୍ରାମରେ ଚଢ଼ଉ କରାଯାଇ ସର୍ବେଶ୍ୱର ଜେନାଙ୍କ ଠାରୁ ୧୦ ଲିଟର ଓ ଅପର୍ତ୍ତି ସେନାପତିଙ୍କ ଠାରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ରାମଚଣ୍ଡୀ ଥାନା ଅଧିନ ଦୋପଡ଼ା ଗ୍ରାମର ରମେଶ ଚନ୍ଦ୍ର ଜେନାଙ୍କ ଠାରୁ ୭ ଲିଟର, ଜାଉଁଳିପୋଖରୀ ବଜାରରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଜବତ ମଦ ସହ ୪ ଜଣଙ୍କ ନାମରେ ପୃଥକ୍ ପୃଥକ୍ ୪ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ କର୍ମଚାରୀ ସେକ୍ ୱାରିସ୍, ଏସ୍. ଜନ୍ମେଜୟ, ସବିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍

ନୟାହାଟ, ୭।୧୨(ସମିସ): ଶନିବାର ରାତି ୮ଟାରେ ନୂଆ ପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରୁ ପ୍ରତିମା ସାହୁ ନାମଙ୍କ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ୧୫ଗ୍ରାମ ସୁନା ଚେନ ଲୁଟି ନେଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ନୂଆ ପାଟଣା ଗ୍ରାମର ପ୍ରଦୀପ୍ତ ସାହୁଙ୍କ ପତ୍ନୀ ପ୍ରତିମା ପ୍ରାୟ ରାତି ୮ ସମୟରେ ଘରକୁ ଯାଉଥିବା ସମୟରେ ନୂଆ ପାଟଣା ସ୍କୁଲ ନିକଟରେ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇଥିଲେ। ପ୍ରତିମା ଉକ୍ତ ଚେନକୁ ଧରି ନେବା ଫଳରେ ପଞ୍ଚସ୍ତରୀ ଭାଗ ସୁନା ଚେନ ଦୁର୍ବୃତ୍ତ ମାନେ ନେଇ ଯାଇଛନ୍ତି। ଏନେଇ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ବୈଜ୍ଞାନିକ ଓ ଚାଷୀଙ୍କ ଧାଡ଼ିବୁଣା ଧାନ କ୍ଷେତ୍ର ପରିଦର୍ଶନ

ଜିଲ୍ଲାରେ ୧୭୫୦ ଏକରରୁ ଉର୍ଦ୍ଧ୍ୱ ଚାଷ ହୋଇଛି



ଡେଲାଙ୍ଗ, ୭।୧୨(ସମିସ): ଡିଏସ୍ଆର୍ ଓଡ଼ିଶା ଓ ସିସା ପ୍ରୋଜେକ୍ଟ ମାଧ୍ୟମରେ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ କରାଯାଇଥିବା ଧାଡିବୁଣା ଧାନ କ୍ଷେତକୁ ବିଭିନ୍ନ ଜିଲ୍ଲାର ଚାଷୀ ଓ ବୈଜ୍ଞାନିକମାନେ ପରିଦର୍ଶନ କରିଛନ୍ତି। ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତର ଡଁପୁରଠାରେ ଆୟୋଜିତ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଡିଏସଆର ପ୍ରୋଜେକ୍ଟ ମୁଖ୍ୟ ତଥା କୃଷି ବିଶେଷଜ୍ଞ ଡ. ଅଶୋକ କୁମାର ଯାଦବଙ୍କ ନେତୃତ୍ୱରେ ଇରିର ଡାଇରେକ୍ଟର ଜେନେରାଲ ଡ.ୟୋଭୋନୀ, ଆଇଏସଏଆରସି ମୁଖ୍ୟ ଡ.ସୁଧାଂଶୁ ସିଂହ, ଇରିର ସାଉଥ ଏସିଆ ମୁଖ୍ୟ ଡ. ବିରେନ୍ଦ୍ର କୁମାର, ଇରି ବୈଜ୍ଞାନିକ ଡ. ବିଧାନ ମହାପାତ୍ରଙ୍କ ସମେତ ଅନେକ ବୈଜ୍ଞାନିକମାନେ ଯୋଗ ଦେଇଥିଲେ। ଡଁପୁର ଠାରେ ଆୟୋଜିତ ଏହି ସମାବେଶରେ ପୁରୀ, ଗଞ୍ଜାମ, କଳାହାଣ୍ଡି, ବରଗଡ଼, ମୟୁରଭଞ୍ଜ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଚାଷୀ ଓ ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ଧାଡିବୁଣା ପଦ୍ଧତି ମାଧ୍ୟମରେ ଚାଷ କରିଥିବା ଚାଷୀମାନେ କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହେଉଥିବା ଉପସ୍ଥିତ ବୈଜ୍ଞାନିକମାନେ ମତବ୍ୟକ୍ତ କରିଥିଲେ। ଏହି ସମାବେଶରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ଡିଏସଆର ପ୍ରୋଜେକ୍ଟ ମାଧ୍ୟମରେ ଚାଷ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇ.ଆର୍.ଆର୍.ଆଇ.), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଧାଡିବୁଣା ଧାନଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରିବା ହେଉଛି କ୍ଷେତ୍ର ପରିଦର୍ଶନର ମୁଖ୍ୟଲକ୍ଷ ବୋଲି ଡିଏସଆର ପ୍ରୋଜେକ୍ଟ ମୁଖ୍ୟ ଡ. ଯାଦବ ମତବ୍ୟକ୍ତ କରିଛନ୍ତି।

ଚଳିତ ବର୍ଷ ପୁରୀ ଜିଲ୍ଲାର ଡେଲାଙ୍ଗ, ପିପିଲି, ନିମାପଡ଼ା, ଗୋପ, କଣାସ ଓ ପୁରୀ ସଦର ବ୍ଲକରେ ଏହି ଧାଡିବୁଣା ଧାନ ଚାଷ କରାଯାଇଥିବା ନେଇ ସିସା ପକ୍ଷରୁ ସୂଚନା ମିଳିଛି। ଏହି ପ୍ରଦର୍ଶିତ କ୍ଷେତରେ ବୈଜ୍ଞାନିକମାନେ ପହଞ୍ଚି ଧାଡିବୁଣା ଧାନଚାଷର ପଦ୍ଧତି, ଉପକାରିତା, ଅର୍ଥନୀତିରେ ଅଭିବୃଦ୍ଧି ସମ୍ପର୍କରେ ଚାଷିମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। କମ୍ ଖର୍ଚ୍ଚ, ଶ୍ରମିକ ହ୍ରାସ ଓ ଯାନ୍ତ୍ରିକ ପଦ୍ଧତିରେ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହେଉଥିବା ବୈଜ୍ଞାନିକ ମାନଙ୍କୁ କହିଥିଲେ। ଚଳିତ ବର୍ଷ ପୁରୀ ଜିଲ୍ଲାରେ ୧୭୫୦ ଏକରରୁ ଉର୍ଦ୍ଧ୍ୱ ଧାଡ଼ିବୁଣା ଧାନଚାଷ କରାଯାଇଛି ବୋଲି ବିଶେଷଜ୍ଞ ଶ୍ରୀ ଯାଦବ କହିଛନ୍ତି।

# ବିନା ତହସିଲଦାରରେ ଚାଲିଛି କାର୍ଯ୍ୟାଳୟ

କଣାସ, ୭।୧୨(ସମିସ): କଣାସ ବ୍ଲକରେ ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ତହସିଲଦାର ନ ଥିବାରୁ କାର୍ଯ୍ୟାଳୟ ଏକରକମ ଅଚଳ ହୋଇ ପଡ଼ିଛି। ବିଭିନ୍ନ କାମ ନେଇ ଆସୁଥିବା ଲୋକେ ଅଯଥା ଖର୍ଚ୍ଚାନ୍ତ ହୋଇ ଫେରୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଥିବା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ସତ୍ୟବାଦୀ ତହସିଲଦାର ରୂପେ ବଦଳି କରାଯାଇଥିବାରୁ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏହି ପଦବୀ ଏକ ମାସରୁ ଉର୍ଦ୍ଧ୍ୱ ଖାଲି ପଡ଼ିଛି। ଏହି ତହସିଲ ଉପରେ ୨୮ଟି ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ାଗ୍ରାମର ଲୋକ ନିର୍ଭର କରନ୍ତି। ଖବର ନେବାରେ ଜଣାପଡ଼ିଛି ଯେ ଲୋକମାନେ ନିଜର ଜମିଜମା ରେର୍କଡପତ୍ର ସଂଶୋଧନ, ମିୟୁଟେସନ୍, ପଟ୍ଟା, ପାଉତି, ବିଭିନ୍ନ ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟରେ ପାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତତ୍‌ସହିତ କଣାସ ସବ୍‌ରେଜିଷ୍ଟ୍ରୀ କାର୍ଯ୍ୟାଳୟରେ ସପ୍ତାହକୁ ଦୁଇଦିନ ମଙ୍ଗଳବାର ଓ ଶୁକ୍ରବାର ଜମିଜମା ବିକ୍ରୟ କାର୍ଯ୍ୟ, ରେଜିଷ୍ଟ୍ରୀ କାର୍ଯ୍ୟ ତହସିଲଦାର ବୁଝୁଥିବାରୁ ସେଠାରେ ମଧ୍ୟ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜଣେ ମାତ୍ର ଅତିରିକ୍ତ ତହସିଲଦାର ଥିବା ବେଳେ ଅନ୍ୟ ଜଣେ ଅତିରିକ୍ତ ତହସିଲଦାର ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା କଡରେ ଅଟକିଲା ୫୦ରୁ ଉର୍ଦ୍ଧ୍ୱ ହାଇୱା



ନିମାପଡ଼ା, ୭।୧୨(ସମିସ): ନିମାପଡ଼ା-ପିପିଲି, ନିମାପଡ଼ା-ବଳଙ୍ଗା, ନିମାପଡ଼ା-ଅସ୍ତରଙ୍ଗ, ନିମାପଡ଼ା-କୋଣାର୍କ ମୁଖ୍ୟ ରାସ୍ତାରେ ଅନେକ ସମୟରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଥିବା ଜଣାପଡ଼ିଛି। ଗତ ଶୁକ୍ରବାର ଦହିଜଙ୍ଗ ଛକଠାରେ ଏକ ହାଇୱା ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ବାରମ୍ବାର ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନହାନି ଘଟିବା ପରେ ପୁଲିସର ଚେତା ପଶିଛି। ଶନିବାର ସକାଳୁ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ପୁଲିସ ଫୋର୍ସ ସହିତ ରାସ୍ତାରେ ଯାଉଥିବା ହାଇୱା ଗୁଡିକୁ ଅଟକାଇଥିଲେ। ରାତି ୧୦ଟାରୁ ଭୋର ୬ଟା ପର୍ଯ୍ୟନ୍ତ ନିମାପଡ଼ା ଥାନା ଅଞ୍ଚଳର ବିଭିନ୍ନ ରାସ୍ତା ଦେଇ ବାଲି, ଗୋଡି, ପଥର ବୋଝେଇ ହାଇୱା, ଟ୍ରକ ଯାତାୟତ କରିବା ଉପରେ କଟକଣା ଲଗାଇଛି ପୁଲିସ। ଆଜି ସକାଳେ ନିମାପଡ଼ା-ଚାରିଛକ ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହାଇୱା ଅଟକି ରହିଛି। ଏହି ସମୟ ମଧ୍ୟରେ ହାଇୱା ଚଳାଚଳ ନ କରିବାକୁ ମାଲିକ ଆସୋସିଏସନକୁ ପୁଲିସ ପକ୍ଷରୁ ଜଣାଇ ଦିଆଯାଇଛି। ଯଦି ଏହି କଟକଣାକୁ ଗାଡି ମାଲିକମାନେ ଅମାନ୍ୟ କରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି।

# ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ



ନୟାହାଟ, ୭।୧୨(ସମିସ): ଗୋପ ଥାନା ଅର୍ନ୍ତଗତ ନୟାହାଟ ଫାଣ୍ଡିରେ ଶନିବାର ୧୪ ତମ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ ତାଙ୍କ ପତ୍ନୀ ଯୋଗ ଦେଇଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତର ଜନ ପ୍ରତିନିଧି, ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତା, ସାଧାରଣ ଜନତା, ଗୋପ ଥାନା ଅଧିକାରୀ, ନିମାପଡ଼ା ଡିଏସପି ଓ ଆଖପାଖ ଥାନାର କର୍ମଚାରୀ ମାନେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ। ରାତିରେ ଫାଣ୍ଡି ମଧ୍ୟରେ ଭଜନ ସମାରୋହ ଓ ଠାକୁରଙ୍କ ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା।

# ବିନା ନମ୍ବର ପ୍ଲେଟ୍‌ରେ ଚାଲିଛି ଗାଡ଼ି

ନୟାହାଟ, ୭।୧୨(ସମିସ): ନୟାହାଟ ଓ ଏହାର ଆଖପାଖ ଅଞ୍ଚଳରେ ହାଇ ସିକ୍ୟୁରିଟୀ ନମ୍ବର ପ୍ଲେଟ୍ ଏକ ପ୍ରହସନ ପାଲଟିଛି। ଏହି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୋଟା ଅଙ୍କର ଜରିମାନା ବ୍ୟବସ୍ଥା ବି ହେଲା। ଅନେକ ଲୋକ ସେହି ଭୟରେ ନିଜ ଗାଡ଼ିରେ ହାଇ ସିକ୍ୟୁରିଟୀ ନମ୍ବର ପ୍ଲେଟ୍ ଲଗାଇଲେ। କେନ୍ଦ୍ରୀୟ ମୋଟର ଯାନ ଆଇନ ଅନୁସାରେ ଏଚେ ଆରସିସି ଏବଂ କଲର କୋଡ ଷ୍ଟିକର ନ ଲଗାଇଲେ ୫ ହଜାରେ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଗଲା। ସେବେଠାରୁ ଲୋକଙ୍କ ମନରେ ହାଇ ସିକ୍ୟୁରିଟୀ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପଞ୍ଜିକରଣ ସହ ସ୍ଲଟ ବୁକିଂ କରିବା ତାପରେ ସୋରୁମ୍‌କୁ ଯାଇ ଧାଡ଼ିରେ ଛିଡ଼ାହୋଇ ନମ୍ବର ପ୍ଲେଟ୍ ଲଗାଇବାକୁ ପଡୁଥିଲା। ଲୋକଙ୍କୁ ନିଜର କାମ ଧନ୍ଦା ଛାଡ଼ି ଉକ୍ତ ନମ୍ବର ପ୍ଲେଟ୍ ଲଗାଇବାକୁ ନକେଦମ୍ ହେବାକୁ ପଡ଼ିଥିଲା। କିନ୍ତୁ ଏହି ହାଇ ସିକ୍ୟୁରିଟୀ ନମ୍ବର ପ୍ଲେଟ୍ ଏବେ ପ୍ରହସନ ପାଲଟି ଯାଇଛି। କୌଣସି ଯାଞ୍ଚ୍ ମଧ ହେଉନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦୁଇ ଶିଶୁ ଶ୍ରମିକ ଉଦ୍ଧାର

ପିପିଲି, ୭।୧୨(ସମିସ): ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଇବା ଏକ ଅପରାଧ। ଏହା ଜାଣି ମଧ ଜଣେ ବ୍ୟକ୍ତି ଦୁଇ ଜଣ ଶିଶୁଙ୍କୁ ନିଜ ଦୋକାନରେ ଖଟାଉଥିଲେ। ତେବେ ଶିଶୁ ଶ୍ରମିକ ବ୍ୟବସ୍ଥା ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ତଥା ଲଢୁଥିବା ରୁଚିକା ସମାଜମଙ୍ଗଳ ସଂଗଠନ ଦ୍ୱାରା ପିପିଲି ଥାନା ଅନ୍ତର୍ଗତ ଉଉରା ବଜାରରୁ ଦୁଇ ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀଙ୍କ ସହାୟତାରେ ପିପିଲି ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ରୁଚିକା ସଂଗଠନର ଶିଶୁ ଶ୍ରମିକ ଟ୍ରାଫିକିଂ ଅଧିକାରୀ ତାଟିନ ବିଶ୍ୱାଳଙ୍କ ଅଭିଯୋଗକୁ ଆଧାର କରି ଫାଣ୍ଡି ଅଧିକାରୀ ଉଉରା ବଜାରର ପରିବା ବ୍ୟବସାୟୀ ରାଜକିଶୋର ଦାସଙ୍କ ଦୋକାନରୁ ବାର ବର୍ଷରୁ କମ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ପିପିଲି ଥାନାକୁ ହସ୍ତାନ୍ତର କରିଥିଲେ। ଉକ୍ତ ବ୍ୟବସାୟୀ ସେମାନଙ୍କୁ ଦିନରାତି ଖଟାଉଥିବା ବେଳେ କାନ୍ଧରେ ପରିବା ଲଦି ବିଭିନ୍ନ ଦୋକାନକୁ ପଠାଉଥିଲେ। ଏହି କାର୍ଯ୍ୟରେ ରୁଚିକା ସମାଜ ମଙ୍ଗଳର ସଂଗଠନର ଅଧିକାରୀ ପ୍ରମୋଦ ବେହେରା, ମନଦୀପା ସାହୁ, ପୁରୀ ଜିଲ୍ଲା ସଂଯୋଜକ ହେମନ୍ତ ଦାସ, ପିପିଲି ବ୍ଲକ ସଂଯୋଜକ ସୁକାନ୍ତ କୁମାର ପ୍ରଧାନ ପୁଲିସକୁ ସହଯୋଗ କରିଥିଲେ।

# ରୁଦ୍ରପାଳ ଓ ମା' ରତ୍ନେଶ୍ୱରୀଙ୍କ ପୂଜା

ସାକ୍ଷୀଗୋପାଳ, ୭।୧୨(ସମିସ): ସତ୍ୟବାଦୀ ବ୍ଲକର ଆନନ୍ଦପୁର, ନରେନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର ମୁଦୁଲିସାହି, ପୋଡଙ୍ଗସାହି, ମହାବଳାପଡ଼ା, ରାୟଗୁରୁ, ଦୁଗଲ ହିରଣପଡ଼ା ଆଦି ଗ୍ରାମମାନଙ୍କରେ କୁମ୍ଭକାର ପରିବାରଙ୍କ ଇଷ୍ଟଦେବ ରୁଦ୍ରପାଳ ଓ ମା' ରତ୍ନେଶ୍ୱରୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ମାର୍ଗଶିର ମାସ ପଞ୍ଚମୀଠାରୁ ଏହି ପୂଜା ପାଞ୍ଚ ଦିନ ଧରି ପାଳିତ ହୋଇଥାଏ। ଏହି ପାଞ୍ଚ ଦିନ କୁମ୍ଭାକରମାନେ ସେମାନଙ୍କ ବୃତ୍ତି କରି ନ ଥାନ୍ତି। ପରିବାର ପକ୍ଷରୁ ମାଟି ଗଡ଼ା ଚକିରେ ଚିତା ପକାଯାଇ ପୂଜାରେ ବସିଥାଏ। ବିଭିନ୍ନ ଗ୍ରାମମାନଙ୍କରେ ଥିବା କୁମ୍ଭକାର ପରିବାର ପକ୍ଷରୁ ଠାକୁରଙ୍କୁ ବେଶ୍ ଜାକଜମକରେ ପୂଜା କରାଯାଇଥାଏ। ଏହି ଅବସରରେ ଠାକୁରଙ୍କ ପାଖରେ ସକାଳେ ବାଲଭୋଗ ଲାଗି କରାଯିବା ସହ ଦ୍ୱିପହରରେ ଶଙ୍କୁଡି ଭୋଗ ସହିତ ବିଭିନ୍ନ ପିଠା ଭୋଗ



ଲାଗି କରାଯାଇଥାଏ। ସନ୍ଧ୍ୟାରେ ପରିବାରର ମହିଳା ମାନେ ଠାକୁରଙ୍କ ପାଖରେ ଧୂପ, ଦୀପ ଦେଇ ହୁଳହୁଳି ପକାଇ ପୂଜା ପାଠ କରିବା ବେଳେ ଅନେକ ଯାଗାରେ କୁରାଳ ପୁରାଣ ପାଠ କରାଯାଇଥାଏ। ଏହି ଅବସରରେ କୁମ୍ଭକାର ପରିବାରର ଯୁବଗୋଷ୍ଠୀ ପକ୍ଷରୁ ଠାକୁରଙ୍କ ପାଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥାନ୍ତି।

# ଶିକ୍ଷକ ଅଭାବ; ଶିକ୍ଷାଦାନ ବାଧାପ୍ରାପ୍ତ

ଚାରିଛକ, ୭।୧୨(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ନିକଟସ୍ଥ ଭୋଦର ଗ୍ରାମରେ ୧୯୩୩ ମସିହାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା।



ସେଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବର୍ତ୍ତମାନ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୮। ଏଠାରେ ପ୍ରଧାନ ଶିକ୍ଷୟତ୍ରୀ ଓ ଜଣେ ସହକାରୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଥିଲା। ଗତ ନଭେମ୍ବର ୩୦ ତାରିଖ ଦିନ ପ୍ରଧାନ ଶିକ୍ଷୟତ୍ରୀ ପାର୍ବତୀ ଗାଙ୍ଗୁଲି ଅବସର ନେବାପରେ ଏବେ ଜଣେ ସହକାରୀ ଶିକ୍ଷକ କୃପାସିନ୍ଧୁ ସ ଅଛନ୍ତି। ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ପାଠ ପଢ଼ାଇବା ସମ୍ଭବ ହୋଇପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦେବାକୁ ପରିଚାଳନା କମିଟି ସଭାପତି ଶଙ୍କର ମହାରଣା, ମୋସ୍କୁଲ ଅଭିଯାନର ସଭାପତି ମନମୋହନ ବାରିକଙ୍କ ସମେତ ଅଭିଭାବକ ଓ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଶିକ୍ଷକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ଗମ୍ଭାରୀପଦା, ୭।୧୨(ସମିସ): କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ରାଇସ ୟୁଜି ୟୁପି ସ୍କୁଲର ସହକାରୀ ଶିକ୍ଷକ ସଞ୍ଜୟ କୁମାର ନାୟକଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ଶାନ୍ତନୁ କୁମାର ରାଉତ ଓ ମନ୍ଦରଧର ମହାନ୍ତି, ପୂର୍ବତନ ସହ ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ, ସ୍ଥାନୀୟ ସରପଞ୍ଚଙ୍କ ସମେତ ରାଜନୈତିକ ଦଳର କର୍ମୀ ଓ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

# 'ପ୍ରୟୋଗ' ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଅସ୍ତରଙ୍ଗ, ୭।୧୨(ସମିସ): ଅସ୍ତରଙ୍ଗ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ 'ପ୍ରୟୋଗ' ନାମରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଛି। ଏଥିରେ ସମୁଦାୟ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଦୁଇଟି କେନ୍ଦ୍ରରେ ପ୍ରଶିକ୍ଷଣ ନେଇଛନ୍ତି। ବରାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ ଜଣ ଓ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ ଜଣ ପ୍ରଶିକ୍ଷଣ ନେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ତଥା ନିପୁଣ ଓଡ଼ିଶା ବିଷୟରେ ଶିକ୍ଷକମାନେ ପ୍ରଶିକ୍ଷଣ ନେଇଛନ୍ତି। ସାଧନ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା, ତ୍ରିଲୋଚନ ବେହେରା, ଦୁର୍ଯ୍ୟୋଧନ ନାୟକ, ଗଣେଶ ନାୟକ, ଆଲୋକ ଲେଙ୍କା, ଅଭିମନ୍ୟୁ ନାୟକ ପ୍ରମୁଖ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେହିପରି ସୁରେନ୍ଦ୍ର ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧନ କର୍ମୀ ଭାବରେ ଆଲୋକ ମହାନ୍ତି, ନୃସିଂହ ପ୍ରସାଦ ପୋଲେଇ, ବିଦୁଲତା ମହାନ୍ତି ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଏବଂ ଶହ ଶିକ୍ଷା ଅଧିକାରିଣୀ ସୁଧାଂଶୁବାଳା ଶତପଥୀ ଉଦ୍‌ଘାଟନ କରିଥିଲେ।

# ମା' ମଙ୍ଗଳାଙ୍କ ଘୋଡ଼ଲାଗି ବେଶ

ଗମ୍ଭାରୀପଦା, ୭।୧୨(ସମିସ): ମାନବୀୟ ଲୀଳା ରଚନା କରୁଥିବା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କୁ ଲାଗି ହୋଇଛି ଘୋଡ। ମା' ମଙ୍ଗଳାଙ୍କୁ ଚାଦର ତଥା ସନାତନ ହିନ୍ଦୁ ପାରମ୍ପରିକ ଦୈବୀ ଭାଷା ଘୋଡ ଲାଗି କରାଯାଇଛି। ଏହି ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଆଉ ଏହି ଘୋଡଲାଗି ବେଶ ମଧ୍ୟ ଅତ୍ୟନ୍ତ ଦୁର୍ଲ୍ଲଭ। ପିପିଲିର ସ୍ୱତନ୍ତ୍ର ଚାନ୍ଦୁଆ କାରିଗର ମାନେ ଏହି ଘୋଡ ପ୍ରସ୍ତୁତି କରନ୍ତି। ବ୍ରହ୍ମମୁହୂର୍ତ୍ତରୁ ମା'ଙ୍କ ମଙ୍ଗଳ ଆଳତି, ମଇଲମ, ଚୁଆ, ଚନ୍ଦନ, ଶ୍ରୀକର୍ପୁର, ଅଗୁରୁ, ଚୁଆ ତୈଳ,



ଦେଶୀୟ ହଳଦୀ ବଟା, ମେଥି ଚୂର୍ଣ୍ଣରେ ପ୍ରସ୍ତୁତ ଔଷଧୀୟ ସୁବାସିତ ଜଳରେ ସ୍ନାନ ସରିବା ପରେ ମା'ଙ୍କୁ ନୂତନ ବସ୍ତ୍ର, ଓଢଣୀ, ଶଙ୍ଖା ସିନ୍ଦୁର ଅଳଙ୍କାରରେ ଭୂଷିତ କରାଯିବା ପରେ ଏହି ଘୋଡ ଲାଗି କରାଯାଇଛି। ଶୀତର ପ୍ରକୋପରୁ ମା'ଙ୍କୁ ସୁରକ୍ଷା ପାଇଁ ସେବାୟତଙ୍କ ଏହି ଅନନ୍ୟ ସେବା ଘୋଡ ଲାଗି ହୁଏ। ମାର୍ଗଶିର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ବା ଓଢଣ ଷଷ୍ଠୀରେ ରାତିରେ ବଡସିଂହାର ହେବା ପରେ ଏହି ଘୋଡ ଲାଗି ହୁଏ। ଏହି ବେଶ ଓଢଣୀ ଷଷ୍ଠୀରୁ ଆରମ୍ଭ ହୋଇ ମାଘ ମାସ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ଦିନ ଶେଷ ହୁଏ। କିନ୍ତୁ ମକର ସଂକ୍ରାନ୍ତି ଦିନ ଦିନବେଳା ମା' କେବଳ ଲୁଗା ଓ ଆଭୂଷଣରେ ଦର୍ଶନ ଦିଅନ୍ତି ଓ ପୁନଃବାର ରାତିରେ ଘୋଡ ଲାଗି ହୁଏ। ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ, ମହେନ୍ଦ୍ର ଦୀକ୍ଷିତ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ କୁହନ୍ତି ମା' ଅସୀମ ଯିଏ ଜଗତର ନାଥ ଜଗନ୍ନାଥଙ୍କୁ ଜନ୍ମ ଦିଅନ୍ତି ତାଙ୍କ ବିଷୟରେ କିଏ କଣ କହିପାରିବ।

### ୩ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

# ୧୫ ଦିନ ଧରି ଉପଭୋକ୍ତା ଅନ୍ଧାରରେ



କଣାସ, ୭।୧୨(ସମିସ): କଣାସ ବ୍ଲକର ଦୋକନ୍ଦା ପଞ୍ଚାୟତରେ ଗତ ୧୫ ଦିନ ମଧ୍ୟରେ ୩ଟି ସ୍ଥାନରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ହୋଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆ।ଲି ନୀତି ଯୋଗୁଁ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଖବରନେବାରେ ଜଣାପଡ଼ିଛି ଯେ ଦୋକନ୍ଦା ପଞ୍ଚାୟତର କଶରପୁର ଛକରେ ଅବସ୍ଥାପିତ ଏକ ଟ୍ରାନ୍ସଫର୍ମର ନଭେମ୍ବର ୨୦ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିବା ବେଳେ ଗୋଡିପଦର ଓ କାଙ୍କପୁର ଗ୍ରାମରେ ବସିଥିବା ଟ୍ରାନ୍ସଫର୍ମରକୁ ମଧ୍ୟ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ଉକ୍ତ ଗ୍ରାମଗୁଡିକ ନିରାକାରପୁର ବିଦ୍ୟୁତ୍ ସବଷ୍ଟେସନ୍ ଅଧିନରେ ରହିଛି। ସେଠାରେ ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀକୁ ପଚାରିବାରେ ସେ କହିଛନ୍ତି, ଟ୍ରାନ୍ସଫର୍ମର ଚୋରି ସମ୍ପର୍କରେ କଣାସ ଓ ଗଡ଼ିଶାଗୋଦା ଥାନାରେ ପୃଥକ ପୃଥକ ଏତଲା ଦିଆଯାଇଛି। ନୂତନ ଟ୍ରାନ୍ସଫର୍ମର ବସିବା ପାଇଁ ଉପରସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଟ୍ରାନ୍ସଫର୍ମର ଆସିଲେ ବସିବ ବୋଲି ଯନ୍ତ୍ରୀ କହିଛନ୍ତି।

## କୁରାଳ ପଞ୍ଚମୀ: ଠାକୁରଙ୍କ ପାଖରେ ପିଠା ଭୋଗ

ପୁରୀ,୭।୧୨(ସମିସ): କୁରାଳ ପଞ୍ଚମୀ ପର୍ବର ଦ୍ୱିତୀୟ ଦିବସରେ ଶନିବାର କୁମ୍ଭକାର ସମ୍ପ୍ରଦାୟଙ୍କ ଇଷ୍ଟଦେବତା ରୁଦ୍ରପାଳ ଏବଂ ରତ୍ନେଶ୍ୱରୀଙ୍କ ନିକଟରେ ପିଠା ଭୋଗ ହୋଇଛି। ପରମ୍ପରା ମୁତାବକ, ସକାଳୁ ଅଛଡା ଲିଆ ଶାଳଘରେ ବିଛା ଯାଇଥିଲା। ଏହାପରେ ଠାକୁରମାନଙ୍କୁ ଘୋଡ଼ଲାଗି କରାଯାଇଥିଲା। ପରେ ଅତ୍ୟନ୍ତ ଶୁଦ୍ଧପୁତ ଭାବେ କୁମ୍ଭକାର ଘରର ମହିଳାମାନେ ଅନ୍ୟାନ୍ୟ ବ୍ୟଞ୍ଜନ ସହିତ ନାନାଦି ପ୍ରକାରର ପିଠା ପ୍ରସ୍ତୁତ କରିଥିଲେ। ଆରିସା, କାକରା, ମଣ୍ଡା, ଏଣ୍ଡୁରି, ଇଟିଲି, ବିରି ପିଠା, ଖଜା, ଗଜା ଇତ୍ୟାଦି ଠାକୁରଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ହୋମ କରାଯାଇ ସାର୍ବଜନୀନ ପୂଜାମଣ୍ଡପମାନଙ୍କରେ ଏହି ପିଠା ଲାଗି କରାଯାଇଥିବା କୁମ୍ଭକାର ନିଯୋଗର ମହେନ୍ଦ୍ର ବିଶୋଇ କହିଛନ୍ତି।

## ହିନ୍ଦୁମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ବିରୋଧ




ପୁରୀ,୭।୧୨(ସମିସ): ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ନିର୍ଯାତନା, ଅତ୍ୟାଚାର ଏବଂ ବିରୋଧରେ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀରେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ସମସ୍ତ ହିନ୍ଦୁ ସଂଗଠନ ଯଥା ବିଶ୍ୱ ହିନ୍ଦୁ ପରିଷଦ, ବିଜେପି, ଶିକ୍ଷା ବିକାଶ ସମିତି, ଭାରତ ସେବାଶ୍ରମ, ଇସ୍କନ, ଅଧିବକ୍ତା ପରିଷଦ, ଗ୍ରାହକ ପଞ୍ଚାୟତ, ଆଦିତ୍ୟ ବାହିନୀ, ଗାୟତ୍ରୀ ପରିବାର, ମଠ ମନ୍ଦିର ମଜଦୂର ସଂଘ, ସେବିକା ସମିତି, ବିଦ୍ୟାର୍ଥୀ ପରିଷଦ, ସଂସ୍କୃତ ଭାରତୀ ଓ ବଜରଙ୍ଗଦଳ ପ୍ରମୁ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପ୍ରଦୀପ ପ୍ରଜ୍ୱଳନ କରି ପଦଯାତ୍ରାରେ ବାହାରିଥିଲେ। ଦୋଳମଣ୍ଡପ ସାହି, ମୋଚିସାହି, କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା କରିଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା।

## ଶ୍ରାଦ୍ଧ ଦିବସରେ ସ୍ମୃତିଚାରଣ

ପୁରୀ,୭।୧୨(ସମିସ): ସାମ୍ବାଦିକ ବିମଳ ପ୍ରସାଦ ଦାସଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ସର୍ବମଙ୍ଗଳା ପାଠାଗାର ସଭାଗୃହରେ ଶିବ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସମିତି ଦ୍ୱାରା ଆୟୋଜିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମକୁ ସୁଶ୍ରୀ କ୍ରିଷ୍ଟା ମହାପାତ୍ର, ସୁଶ୍ରୀ ସର୍ବାଣୀ ଦାସ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ପଣ୍ଡା, ବିପିନ ବିହାରୀ ଦଳାଇ, ରଞ୍ଜିତା ମହାପାତ୍ର, କଳ୍ପନା ଦାସ, ପ୍ରମୋଦ ପ୍ରଧାନ, ପଣ୍ଡିତ ଦୟାନିଧି ପଣ୍ଡା, ସୁକାନ୍ତ ପଣ୍ଡା, ସତ୍ୟଭାମା ପ୍ରଧାନୀ, ବିଷ୍ଣୁପ୍ରିୟା ମହାନ୍ତି, କୃଷ୍ଣପ୍ରିୟା ମହାନ୍ତି, ଦୀପ୍ତି ସିଂ, ପୂର୍ଣ୍ଣିମା ମହାନ୍ତି, ସଞ୍ଜୁକ୍ତା ତ୍ରିପାଠୀ, ଶ୍ୟାମପ୍ରକାଶ ସେନାପତି, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଦେବପ୍ରିୟ ମହାନ୍ତି, ଦୀପକ ପଟ୍ଟନାୟକ, ରବିନାରାୟଣ ମହାନ୍ତି, ଉପାସକ ଉମେଶ ଦାସ, ସ୍ୱର୍ଗତ ଦାସଙ୍କ ପତ୍ନୀ ସୁଷମା ଦାସ, ପୁତ୍ର ବିଶ୍ୱରଞ୍ଜନ, ଜାମାତା କ୍ଷିତିଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଭାଗବତ, ଗୀତା, ସର୍ବଧର୍ମ ପ୍ରାର୍ଥନା ପାଠ କରିଥିଲେ ଉପାସକ ଉମେଶ ଦାସ।

## ଗୃହରକ୍ଷୀ ପ୍ରତିଷ୍ଠା ଦିବସ



ପୁରୀ,୭।୧୨(ସମିସ): ପୁରୀରେ ୬୨ତମ ହୋମଗାର୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ହୋମଗାର୍ଡ ଏବଂ ସିଭିଲ ଡିଫେନ୍ସର ସଫଳତାକୁ ବଖାଣି ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ହେଉ କି ରାତ୍ର ପହରା, ଟ୍ରାଫିକ ନିୟନ୍ତ୍ରଣ ହେଉ ଅଥବା ପ୍ରାକୃତିକ ବିପର୍ଯ୍ୟୟ ସବୁ ସମୟରେ ଜାଗ୍ରତ ପ୍ରହରୀ ହୋଇ କାମ କରିଥାନ୍ତି ହୋମଗାର୍ଡ ଓ ସିଭିଲ ଡିଫେନ୍ସର ଅଧିକାରୀ। ତେଣୁ ସେମାନେ ପୁଲିସର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସୁଛନ୍ତି ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି । ୬୨ତମ ହୋମଗାର୍ଡ ଦିବସରେ ସବୁ ହୋମଗାର୍ଡ ଓ ସିଭିଲ ଡିଫେନ୍ସ କର୍ମଚାରୀଙ୍କ ପରିବାରକୁ ଶୁଭେଚ୍ଛା ଜଣାଇବା ସହ କିଭଳି ଭାବରେ ନିଜର ଦକ୍ଷତାକୁ ପ୍ରତିପାଦନ କରି ବିଭାଗର ନାମକୁ ଆହୁରି ଆଗକୁ ନେବେ ସେ ନେଇ ବାର୍ତ୍ତା ଦେଇଛନ୍ତି।

### ୧୦ରୁ ମହୋଦଧି ଦିବସ

# ଆକର୍ଷଣ ସାଜିବ ବିଚ୍, ଓସନ୍ ସ୍ପୋର୍ଟ୍ସ କାର୍ଣ୍ଣିଭାଲ

ପୁରୀ,୭।୧୨(ସମିସ)

ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ ତିନିଦିନିଆ ମହୋଦଧି ଦିବସ। ଏହି ଅବସରରେ ବିଚ୍ ଆଣ୍ଡ ଓସନ ସ୍ପୋର୍ଟ୍ସ କାର୍ଣ୍ଣିଭାଲ ମଧ୍ୟ ଆୟୋଜିତ ହେବ। ଏଥିପାଇଁ ଶନିବାର ବୃନ୍ଦାବତୀ ନିବାସରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଙ୍ଗଠନ ଦି ବେଲ ପକ୍ଷରୁ ଏହି ମହୋତ୍ସବ ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି ଯେ ଏହି ଉତ୍ସବ ବେଳାଭୂମିର ସ୍ୱଚ୍ଛତା, ସମୁଦ୍ର ଜଳରାଶି ସଫା ରଖିବା, ପରିବେଶ ସନ୍ତୁଳନ ରକ୍ଷା ସଚେତନତାର ବାର୍ତ୍ତା ଦେବ। ଉତ୍ସବରେ ୧୦ଟି ଦେଶରୁ ୩୫ଟି ଆନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳୀ ଯୋଗଦେବେ। ସମୁଦାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏବର୍ଷ ଆମେରିକାର ଯୋନାଥାନ ରବିନସନଙ୍କୁ ମହୋଦଧି ସମ୍ମାନରେ ସମ୍ମାନିତ କରାଯିବ। ସାମାଜିକ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍‌କୁ କଳିଙ୍ଗ ସାଗର ସମ୍ମାନରେ ସମ୍ମାନିତ କରାଯିବ। ସବୁଠାରୁ ଆକର୍ଷଣୀୟ ହେବ ଚିତ୍ରକଳା ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଚ୍ ସ୍ପୋର୍ଟ୍ସ ଓ ସମୁଦ୍ର ଜଳରେ କ୍ରୀଡା କୌଶଳ। ବେଳାଭୂମିରେ କାର୍ଯ୍ୟରତ ଲାଇଫଗାର୍ଡ ମଧ୍ୟ ସଚେତନ ଓ ଅନୁଭୂତି ଆରୋହଣ କରିବେ। ଭାରତର ଉପକୂଳ ପର୍ଯ୍ୟଟନ ଓ ପରିବେଶ ସଚେତନତା ସୃଷ୍ଟି କରାଯିବ। ଭାରତୀୟ କାୟାକିଂ ଆଣ୍ଡ କାନୋଇଙ୍ଗ ଆସୋସିଏସନ, ରାଷ୍ଟ୍ରୀୟ ଲାଇଫଗାର୍ଡ ସଙ୍ଗଠନ (ଭାରତ), ପୁରୀ ବିଚ୍ ଲାଇଫଗାର୍ଡ ମହାସଙ୍ଘ, ଆନ୍ତର୍ଜାତୀୟ ସର୍ଫ ଲାଇଫ ସେଭିଙ୍ଗ ଆସୋସିଏସନ (ଆମେରିକା) ଏବଂ ଶ୍ରୀଲଙ୍କା ଜୀବନ ସଞ୍ଚୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଂଗଠିତ ହେବ।




ମୁଖ୍ୟ ଆକର୍ଷଣ ମଧ୍ୟରେ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡା ଚାମ୍ପିଅନସିପ୍ ରହିଛି। ଏହା ସହିତ ମହୋଦଧି ଜାତୀୟ ଚାମ୍ପିଅନସିପ୍‌ରେ ବିଭିନ୍ନ ସମୁଦ୍ରକୂଳ ଏବଂ ସମୁଦ୍ର କ୍ରୀଡା ପ୍ରଦର୍ଶନ କରାଯିବ। ବିଭିନ୍ନ ପାରମ୍ପରିକ ଖାଦ୍ୟ ସହ ଫୁଡ୍ ଷ୍ଟଲ ଖୋଲିବ। ପ୍ରତିଦିନ ସନ୍ଧ୍ୟାରେ ପୁରୀର ପାରମ୍ପରିକ ନୃତ୍ୟ, ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସମ୍ମାନ ସମାରୋହରେ ବିଭିନ୍ନ ବର୍ଗର ଅତିଥି ଯୋଗଦେବେ ବୋଲି ସୂଚନା ଦିଆଯିବା ସହ ଇଣ୍ଡୋ-ଶ୍ରୀଲଙ୍କା ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ୱାର୍କିଂ କମିଟି ଅଧ୍ୟକ୍ଷ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପରିବର୍ତ୍ତନ ଓଡ଼ିଶାର ସୁଶାନ୍ତ ପଢ଼ିଆରୀ, ଶ୍ୟାମସୁନ୍ଦର ମହାପାତ୍ର, ଦି ବେଲ୍ ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ଉତ୍ସବ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ନାରାୟଣ ଦାଶ, ଇଣ୍ଡିଆ ଲାଇଫ ସେଭିଂ ସ୍ପୋର୍ଟ୍ସର ସିନିୟର୍ କୋଚ କୌସ୍ତବ୍ ବକ୍ସି, ପୁରୀ ବିଚ୍ ଲାଇଫ ଗାର୍ଡ ମହସଂଘ ସମ୍ପାଦକ ହ୍ୟାରି ରାଓ, ପୁରୀ ମିଡିଆ ଇନ୍‌ଚାର୍ଜ ବିଜୟ ମିଶ୍ରଙ୍କ ସମେତ ମହୋତ୍ସବ କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଗଡିଲା ଯକ୍ଷ୍ମାମୁକ୍ତ ସଚେତନତା ରଥ

## ତୃଣମୂଳସ୍ତରରୁ ଯକ୍ଷ୍ମା ନିରାକରଣ ଉପରେ ଗୁରୁତ୍ୱ

ପୁରୀ,୭।୧୨(ସମିସ)

୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ପାଇଁ ପୁରୀ ଜିଲ୍ଲାର ପ୍ରତି ଗ୍ରାମରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗଡିଛି ଯକ୍ଷ୍ମାମୁକ୍ତ ରଥ। ଏଥିସହ ୧୦୦ ଦିନ ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ରଥକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିରଜାଶଙ୍କର ରଥ, ବିଭାଗୀୟ ମୁଖ୍ୟ ଲଲାଟେନ୍ଦୁ ମିଶ୍ର, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଓ ସମାଜସେବୀ ବଦ୍ରି ମିଶ୍ର ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ତୃଣମୂଳସ୍ତରରୁ ଯକ୍ଷ୍ମା ନିରାକରଣ କରି ଏକ ସୁସ୍ଥ ଭାରତବର୍ଷ ଗଠନ ପାଇଁ ସମସ୍ତେ ସଜାଗ ରହିବା ଏବେ ଏକ ବଡ଼ ଆବଶ୍ୟକତା। ଯକ୍ଷ୍ମା ଚିହ୍ନଟ ପାଇଁ ଅତ୍ୟାଧୁନିକ କୌଶଳ ଓ ପରୀକ୍ଷାଗାର ନିମନ୍ତେ ଯାହା ଦରକାର, ଧର୍ମ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀ ପାଇଁ ଆମେ ଦୁଇ ସାଂସଦ କେନ୍ଦ୍ର ସରକାରଙ୍କଠାରୁ ଯେ ଆଣିବୁ ଏହା ନିଶ୍ଚୟ। ସେହିପରି ସାଂସଦ ଡାକ୍ତର ପାତ୍ର କହିଥିଲେ ଯେ କେବଳ ଗରିବମାନଙ୍କୁ ଓ ସାଧାରଣ କାଶରେ ଯେ ଯକ୍ଷ୍ମା ହୁଏ ଏଭଳି ଭାବନାରୁ ଦୂରେଇ ଜିଲ୍ଲାର ଯକ୍ଷ୍ମାରୋଗୀମାନଙ୍କୁ ସ୍ନେହ ଶ୍ରଦ୍ଧାରେ ଆଦରି ନେବାକୁ ନିବେଦନ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ବିନୋଦ ବିହାରୀ ରଥ, ନାରାୟଣ ପ୍ରସାଦ ନନ୍ଦ, ସାମ୍ବାଦିକ ଜୟନ୍ତ ଦାସ ଓ ସେବାୟତ ମଧୁସୂଦନ ସିଂହାରୀ ମଞ୍ଚାସୀନ ଥିଲେ। ଦେବାଶିଷ ମର୍ଦ୍ଦରାଜଙ୍କ ନେତୃତ୍ୱରେ ବେଣୁଧର ନାୟକ, ଦୈତାରୀ ପଟ୍ଟନାୟକ ଓ ସୁଦର୍ଶନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶେଷରେ ସଦସ୍ୟ ବଦ୍ରି ମିଶ୍ର, ଯକ୍ଷ୍ମା ନିରାକରଣ ପାଇଁ ନିଷ୍ଠାର ସହ କାମ କରୁଥିବା ପୁରୀ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର ଓ କର୍ମଚାରୀଙ୍କ ଚାକିରୀ ସ୍ଥାୟୀତ୍ୱ ପାଇଁ ସରକାର ଏବେଠାରୁ ସକରାତ୍ମକ ନିଷ୍ପତ୍ତି ନେବାକୁ ଦୁଇ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟି.ନାରାୟଣ ରାଓ ଧନ୍ୟବାଦ ଦେଇଥିଲେ।

## ଜାତୀୟ ମାନବାଧିକାର ସମ୍ମିଳନୀ ଆରମ୍ଭ

ପୁରୀ,୭।୧୨(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ତିନିଦିନିଆ ଜାତୀୟ ମାନବଧିକାର ସମ୍ମିଳନୀ ଆରମ୍ଭ ହୋଇଛି। ମାନବାଧିକାର ସଂଗଠନର ଅଧ୍ୟକ୍ଷ ମନୋଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଶତାଧିକ ମାନବଧିକାର ସୁରକ୍ଷା କର୍ମୀ ଯୋଗଥିଲେ। ସମ୍ମାନିତ ଅତିଥି ଭାବେ ମାନବାଧିକାର ସଙ୍ଗଠନର ଆଇନଜୀବୀ ଡ. ମନୀଷା ଦାଶ, ଜାତୀୟ ସେବା ଯୋଜନାର ସଂଯୋଜକ ଡ. ବଳରାମ ଦାଶ, ସମାଜସେବୀ ବାଲୁ ଆକ୍ସିସା (ଆନ୍ଧ୍ରପ୍ରଦେଶ) ଯୋଗ ଦେଇଥିଲେ। କଲିକତା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଅଭିଜୀତ ଚାଟାର୍ଜି (ପଶ୍ଚିମବଙ୍ଗ), ରାଇମନୀ ମୁଣ୍ଡା (ରାଞ୍ଚୀ), ପଶ୍ଚିମବଙ୍ଗରୁ ରାଜୀବ ସିଟ୍, ସତଲପ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଦୀପ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଡ. ରାଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବର୍ତ୍ତମାନ ସମାଜରେ ବଢୁଥିବା ନିର୍ଯାତନା ଓ ମାନବଧିକାର ଉଲ୍ଲଂଘନକୁ ମାନବଧିକାର କର୍ମୀମାନେ କିପରି ବିଭିନ୍ନ ମାନବଧିକାର ଆୟୋଗକୁ ନେଇ ପୀଡିତଙ୍କୁ ନ୍ୟାୟ ଦେବାରେ ସକ୍ଷମ ହେବେ ସେଥିନେଇ ତାଲିମ ପ୍ରଦାନ କରାଯିବ। ଏଥିସହିତ ମାନବଧିକାର ସମ୍ପର୍କିତ ଆଇନ କାନୁନ ଓ ନିୟମାବଳୀ ଜାଣି ସମାଜରେ ଘଟୁଥିବା ବିଭିନ୍ନ ମାବଧିକାର ଉଲ୍ଲଂଘନକୁ ଯେପରି ହ୍ରାସ କରାଯାଇ ପାରିବ ସେ ନେଇ ମାନବଧିକାର ରକ୍ଷକ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଶନିବାର ପ୍ରଥମ ଦିବସରେ ଉପସ୍ଥିତ ମାନବାଧିକାର ରକ୍ଷକ କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପୁରୀ ଜିଲ୍ଲା ମାନବଧିକାର ସଂଯୋଜିକା ପ୍ରାନ୍ତସିନୀ ଜେନା, ଆଇନଜୀବୀ ଶ୍ରୀକାନ୍ତ ପରିଜା ଏବଂ ପେଟ୍ରିକ ଉଚ୍ଚ ବିଦ୍ୟାଳୟର ଡ. ଶଶିକାନ୍ତ ରଥ ପ୍ରମୁଖଙ୍କ ଆୟୋଜନ ଓ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଜୟୀ ରାଜଗୁରୁଙ୍କ ତ୍ୟାଗ ଓ ଆଦର୍ଶ ଅନନ୍ୟ

ପୁରୀ,୭।୧୨(ସମିସ): ସହିଦ ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟ, ସ୍ୱାଭିମାନ ଓ ଆଦର୍ଶ ଚିର ଅମର। ଏହା ପଢ଼ି ପରେ ପୀଢ଼ି ଆମ ଜନ ଜୀବନକୁ ପ୍ରଭାବିତ କରି ଚାଲିଥିବ ବୋଲି କହିଛନ୍ତି ବକ୍ତା। ଶୁକ୍ରବାର ସ୍ୱର୍ଗଦ୍ୱାର ନିକଟସ୍ଥ ଶ୍ରୀଅରବିନ୍ଦ ଧାମ ଏକାଡେମୀ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ ପରିସରରେ ସହିଦ ଜୟୀ ରାଜଗୁରୁଙ୍କ ୨୧୯ତମ ମହାପ୍ରୟାଣ ଦିବସ ପାଳିତ ହୋଇଥିଲା। ସହିଦ ଜୟୀ ରାଜଗୁରୁ ଫାଉଣ୍ଡେସନ, ସର୍ବୋଦୟ ମେଳା କମିଟି ଓ ଏକାଡେମୀ ଅଫ୍ ଇଣ୍ଟିଗ୍ରାଲ ଏଜୁକେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସର୍ବୋଦୟ ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ର ଯୋଗଦେଇ ପୂଜ୍ୟପୂଜାର ସମ୍ମାନ ଆମ ସଂସ୍କୃତି ଓ ପରମ୍ପରାର ମୂଳ ମନ୍ତ୍ର। ଦେଶରକ୍ଷା ଓ ବୀରତ୍ୱରେ ସହିଦ ଜୟୀ ରାଜଗୁରୁଙ୍କ ଅବଦାନ ସର୍ବଦା ଉଦାହରଣ ହୋଇ ରହିଥିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାଧ୍ୟାପକ ସଙ୍ଗୀତା ମିଶ୍ର, ଏକାଡେମୀ ଅଫ୍ ଇଣ୍ଟିଗ୍ରାଲ ଏଜୁକେସନର ସମ୍ପାଦକ ଡ. ବିପିନାନନ୍ଦ ମିଶ୍ର, ଇଂ ଗିରିଜା ପ୍ରସାଦ ପାଢୀ, ଶିକ୍ଷାବିତ୍ ଡ. ବଳରାମ ଦାଶ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କ ଜୀବନୀ, କାର୍ଯ୍ୟାବଳୀ, ଦେଶପ୍ରେମ, ବୀରତ୍ୱ ଓ ସ୍ୱାଭିମାନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଜନ୍ମେଜୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବୋଦୟ ସମିତିର ସମ୍ପାଦକ ଶିବ ପ୍ରସାଦ ମିଶ୍ର ଅତିଥି ପରିଚୟ ଓ ଜୟୀ ରାଜଗୁରୁଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିମା ଅପା କବିତା ପଠନ କରିଥିବା ବେଳେ ସ୍ନିଗ୍ଧା ଅପା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ମାତୃ ସଙ୍ଗୀତ ପରିବେଷଣ ଓ ନୀରବ ଧ୍ୟାନ କରାଯାଇଥିଲା।

### ଆପ୍‌ର ଅଭିଯୋଗ

# ପିଲାଙ୍କ ପୋଷାକ ବଣ୍ଟନରେ ୨ କୋଟିର ଦୁର୍ନୀତି

ପୁରୀ,୭।୧୨(ସମିସ)

ପୁରୀ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନରେ ହୋଇଛି ବଡ଼ ଦୁର୍ନୀତି। ବିଦ୍ୟାଳୟ ପରିଚାଳନା କମିଟି କ୍ଷମତାକୁ ହ୍ରାସ କରି ଦୁର୍ନୀତିର ବାଟ ଖୋଲିଦେଇଛି ବିଜେପି ସରକାର। ଉପମୁଖ୍ୟମନ୍ତ୍ରୀ ଯାହା କହୁଛନ୍ତି ବାସ୍ତବରେ ତାହା ପ୍ରତିଫଳତି ହେଉନାହିଁ। ପୁରୀ ଜିଲ୍ଲାରେ ପିଲାଙ୍କ ପୋଷାକ ବଣ୍ଟନରେ ପ୍ରାୟ ୨ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି (ଆପ୍)। ଶନିବାର ଭକ୍ତ ସାଲବେଗ ସ୍ମୃତିପୀଠରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍‌ର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କିଭଳି ଦୁର୍ନୀତି ହୋଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ।

ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ଗାଇଡଲାଇନ ଜାରି କରାଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଜଣପିଛା ୫୦୦ ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ଦିଆଯିବା ପାଇଁ ଗାଇଡ଼ଲାଇନରେ ସ୍ପଷ୍ଟ କରାଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଥିଲେ ଯେ ପିଲାମାନଙ୍କୁ ଯେଉଁ ପୋଷାକ ଦିଆଯିବ ସେଥିରେ ଷ୍ଟିଚିଂ ରହିବ। ଅର୍ଥାତ୍ ମହିଳା ସମିତି ଦ୍ୱାରା ଏହା କରାଯାଇ ପ୍ରଦାନ କରାଯିବ। ଫଳରେ ମହିଳା ସ୍ୱାବଲମ୍ବୀ ହେବେ। କିନ୍ତୁ ବାସ୍ତବରେ ତାହା ହୋଇନାହିଁ। ମହିଳାଙ୍କ ନାମରେ ଦୋକାନରୁ ପୋଷାକ କିଣା ହୋଇଆସୁଛି। ସେଥିରେ ଷ୍ଟିଚିଂ ନ ଥିବାବେଳେ ପିଲାଙ୍କୁ ନିମ୍ନମାନର ଡ୍ରେସ ଦିଆଯାଉଛି। ପୂର୍ବରୁ ସ୍କୁଲ ପରିଚାଳନା କମିଟି ଏ ବିଷୟରେ ଚୂଡ଼ାନ୍ତ କରୁଥିଲା। ହେଲେ କମିଟି କ୍ଷମତାକୁ ସଂକୁଚିତ କରି ତାଙ୍କଠାରୁ ଅଧିକାର ଛଡେଇ ନିଆଯାଇଛି।




ତେବେ ପିଲାଙ୍କ ପୋଷାକ ଯୋଗାଣ ନେଇ ଖୋଳତାଡ଼ କରିଥିଲା ଆପ୍। ବଜାରର ଏକ ପ୍ରତିଷ୍ଠିତ ଦୋକନରୁ ଜିଏସ୍‌ଟି ବିଲ୍ ସହିତ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଦୁଇହଳ ପୋଷାକ କିଣିଥିଲା। ଯାହାର ମୂଲ୍ୟ ୩୨୦ରୁ ୩୫୦ ମଧ୍ୟରେ ରହୁଛି। ତେଣୁ ଗୋଟିଏ ପିଲା ପିଛା ୧୫୦ ଟଙ୍କା ଯାଉଛି କୁଆଡେ ବୋଲି ପ୍ରଶ୍ନ କରିଛନ୍ତି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଏମିତି ଦେଖିଲେ ପୁରୀ ଜିଲ୍ଲାରେ ଏହି ଯୋଜନାରେ ମୋଟ ୧ଲକ୍ଷ ୨୭ ହଜାର ୪୬୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ତେଣୁ ଏହିପରି ୧,୯୧,୨୦,୦୫୦ ଟଙ୍କା ହେର୍‌ଫେର କରାଯାଉଥିବା ସନ୍ଦେହ ହେଉଛି। ଏମିତି ପିଲାଙ୍କ ଡ୍ରେସ ବଣ୍ଟନରେ ସମଗ୍ର ଓଡିଶାରେ ୩୦ରୁ ୫୦ କୋଟି ହେର୍‌ଫେର ହେଉଥାଇପାରେ ବୋଲି କହିଛନ୍ତି ଶ୍ରୀ ମହାନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ସଦର ପାଇଁ ୧୪ଟି ସଂସ୍ଥାକୁ ଏହି ପୋଷାକ ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ବେଳେ ବ୍ରହ୍ମଗିରି ବ୍ଲକରେ କେବଳ ଗୋଟିଏ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ସମ୍ପୃକ୍ତ ସଂସ୍ଥା ପ୍ରତି ଏତେ ଅନୁକମ୍ପା କାହିଁକି? ସେହି ସଂସ୍ଥାକୁ ଚୟନ କରିଛି କିଏ? ଗୋଟିଏ ସଂସ୍ଥାକୁ ଦାୟିତ୍ୱ ଦେଲେ ସେ ମନମାନୀ କରିବ। ପୋଷାକର ମାନ ତା' ଇଚ୍ଛା ଅନୁଯାୟୀ ରହିବ। ଏମିତି ବି ଜିଲ୍ଲାର ବିଭିନ୍ନ ଜାଗାରୁ ଅଭିଯୋଗ ମିଳିଛି। ସେମାନେ ସାମ୍ପଲ ଯାହା ଦେଖାଇଛନ୍ତି ସେହି ଡ୍ରେସ ଯୋଗାଣ କରିନାହାନ୍ତି। ଏହାର ଉତ୍ତର ଉପ ମୁଖ୍ୟମନ୍ତ୍ରୀ ଦେବା ଦରକାର ବୋଲି କହିଛି ଆପ୍।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, କାହା ସ୍ୱାର୍ଥରେ ପିଲାଙ୍କୁ ନିମ୍ନ ମାନର ପୋଷାକ ଦିଆଯାଇଛି। ଏତେ ଦୁର୍ନୀତି ପଛରେ କିଏ କିଏ ରହିଛି। ଟଙ୍କା କାହା ପାଖକୁ ଯାଇଛି ତାହାର ତଦନ୍ତ ହେବା ଦରକାର। ଯଦି ଏହା ଉପରେ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଆପ୍ ଏହାକୁ ତୀବ୍ର ବିରୋଧ କରିବ। ପୂର୍ବପରି ସ୍କୁଲ କମିଟିକୁ କ୍ଷମତା ଦିଆଯାଉ ବୋଲି ଆପ୍ ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ମହାନ୍ତି, ନଗର ଉପ ସଭାପତି ଦେବ ପ୍ରଧାନ, ଆପ୍ ବରିଷ୍ଠ ସମାଜ ସଭାପତି ଉପେନ୍ଦ୍ର କୁମାର ଜେନା, ଯୁବ ସମ୍ପାଦକ ଜନ୍ମେଜୟ ଜେନା ଉପସ୍ଥିତ ଥିଲେ।

### ସମକାଳୀନ ଶିକ୍ଷା ବ୍ୟବସ୍ଥାରେ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା

କଟକ ସହର ଉପକଣ୍ଠ ବିଦ୍ୟାଧରପୁରଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୦୯ ମସିହାରେ ପ୍ରତିଷ୍ଠାଲାଭ କରିବା ପରଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଦୃତ ହୋଇପାରିଛି । ଏକ ଶାନ୍ତ, କମନୀୟ ତଥା ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସବୁ ଋତୁକୁ ସୁହାଇବା ଭଳି ପରିସର ଓ ଶ୍ରେଣୀଗୃହ ସୁବିଧା ରହିଛି ।

ଏଠାରେ କୃଷି ଓ ଉଦ୍ୟାନକୃଷି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ (ଆର୍କିଟେକଚର), କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ; ମନସ୍ତତ୍ତ୍ୱ (ସାଇକୋଲୋଜି), ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷା (ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି), ସ୍ୱାସ୍ଥ୍ୟ ଓ ସୁସ୍ଥତା, ପରିଚାଳନା (ମ୍ୟାନେଜମେଣ୍ଟ) ଏବଂ ବିଜ୍ଞାନ ଭଳି ପାଠ୍ୟକ୍ରମ ଉପଲବ୍ଧ ରହିଛି । ଏଥିସହ ବିଶ୍ୱବିଦ୍ୟାଳୟରେ ରହିଛି ଉତ୍ତମ ମାନର ଅନୁସନ୍ଧାନ ଓ ବିକାଶ ବିଭାଗ ।'ଶ୍ରୀ ଶ୍ରୀ ନୂତନ ଧାରଣା ଏବଂ ଉଦ୍ଭାବନ ବିଭାଗ' ନାମରେ ଏହା ଆକାଂକ୍ଷୀ ବିଦ୍ୟାର୍ଥୀମାନଙ୍କୁ ଉନ୍ନତ ମାନର ଗବେଷଣା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଆସୁଛି । ମୁକ୍ତ ଏବଂ ଦୂରନ୍ତର ଶିକ୍ଷା (ଓପନ୍ ଆଣ୍ଡ ଡିଷ୍ଟାନ୍ସ ଲର୍ଣ୍ଣି) ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଏବଂ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ମଧ୍ୟ ଉପଲବ୍ଧ ରହିଛି ।

ଏତଦ୍ ବ୍ୟତୀତ ଏଠାରେ ଆୟୁର୍ବେଦ ବିଷୟରେ 'ଆୟୁର୍ବେଦ ଚିକିତ୍ସା ଏବଂ ସର୍ଜରୀର ସ୍ନାତକ' (ବିଏଏମଏସ) ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଛି । ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚିକିତ୍ସାଳୟ ମଧ୍ୟ ରହିଛି, ଯେଉଁଠାରେ ପ୍ରାଚ୍ୟ ଭୂଖଣ୍ଡର ସର୍ବଶ୍ରେଷ୍ଠ ଆୟୁର୍ବେଦ ଏବଂ ଅଷ୍ଟିଓପ୍ୟାଥି ଚିକିତ୍ସା ଉପଲବ୍ଧ ଅଛି । ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶନ କଳାରେ ସ୍ନାତକ (ବିପିଏ) ପାଠ୍ୟକ୍ରମ ଉପଲବ୍ଧ ରହିଛି ।ବିଦ୍ୟାର୍ଥୀମାନେ ଏହି ପାଠ୍ୟକ୍ରମ ଅନ୍ତର୍ଗତ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଆଦି ଶିକ୍ଷାଲାଭ କରି ପାରୁଛନ୍ତି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କଠାରୁ ଅଗ୍ରଣୀ ବୋଲି କେବଳ କଥାରେ ବିଶ୍ୱାସ କରେନାହିଁ,ବସ୍ତୁତଃ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ସଫଳତା ହିଁ ସେକଥାକୁ ବ୍ୟାଖ୍ୟା କରିଥାଏ । ଏଠାରେ ଅଧ୍ୟୟନ କରିବା ସମୟରୁ ହିଁ 'ପରିସର ମନୋନୟନ' ଜରିଆରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଯଥା- ଆକ୍ସିସ୍ ବ୍ୟାଙ୍କ, ଡାବର, ଭେରାଇଟି, ଫୋନ୍-ପେ, ବର୍ଜର ପେଣ୍ଟ, ପଲିସୀ ବାଜାର, ଫ୍ଲିପ୍ କାର୍ଟ,କେପିଏମଜି, ଡେଲଏଟ୍, ପିଡିଲାଇଟ୍, ବ୍ୟାଙ୍କ ଅଫ୍ ଆମେରିକା ଏବଂ ଆହୁରି ଅନେକ ପ୍ରମୁଖ କମ୍ପାନୀ ଉଚ୍ଚ ବେତନରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି, ଯାହା ବିଶ୍ୱବିଦ୍ୟାଳୟର ମାନକୁ ବହୁଗୁଣିତ କରିଛି ।

ଯଥାର୍ଥରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରଠାରୁ ଆଜିପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଜୀବନକୁ ସୁସଂଗଠିତ କରି ଗଢ଼ି ତୋଳିବାରେ ଆଦୌ ହେଳା କରିନାହିଁ । ସେଇଥିପାଇଁ ତ' ଦିନ ବିତିବା ସାଙ୍ଗକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସୁଗନ୍ଧ ରାଜ୍ୟ ଓ ଦେଶର ସୀମା ଡେଇଁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରିଛି ।

ଶ୍ରୀ ଶ୍ରୀ ବିଶ୍ୱବିଦାଳୟ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ ।
ଫୋନ୍- ୭୮୯୪୪୨୪୫୬୨
ADVT

# ୩ ମାସ ତଳୁ ସରିଲାଣି ଅବଧି, ସରୁନି କାର୍ଯ୍ୟ

## ଅଧପନ୍ତରିଆ ଜିଲ୍ଲା ଯୋଜନା କାର୍ଯ୍ୟାଳୟ କୋଠା



ନୟାଗଡ଼,୭।୧୨(ସମିସ): ନୟାଗଡ଼ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ କାର୍ଯ୍ୟର ଅବଧି ୩ ମାସ ତଳୁ ଶେଷ ହୋଇଥିଲେ ହେଁ ତାହା ପୂର୍ଣ୍ଣାଙ୍ଗ ହୋଇନି। ଜିଲ୍ଲା ଯୋଜନା କାର୍ଯ୍ୟାଳୟ ନିର୍ମାଣ ପାଇଁ ଦୁଇ ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୩ କୋଟି ୯୩ ଲକ୍ଷ ଟଙ୍କାରେ ଏହାକୁ ନିର୍ମାଣ କରିବା ପାଇଁ ଟେଣ୍ଡର କରି ଠିକାଦାର ଚୟନ ପରେ ପୂର୍ତ୍ତ ବିଭାଗ ଗତ ୨୦୨୩ ମସିହା ଡିସେମ୍ବର ୨୯ ତାରିଖରେ କାର୍ଯ୍ୟାରମ୍ଭ ପାଇଁ ଅନୁମତି ପ୍ରଦାନ କରିଥିଲା। ଜନୈକ ଠିକାଦାର ୩ କୋଟି ୫୨ ଲକ୍ଷ ଟଙ୍କାରେ ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୨୦୨୪ ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ହୋଇଥିଲା। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଯାଏଁ ଶେଷ ହେବାର ନାଁଗନ୍ଧ ଧରୁନାହିଁ। ପ୍ରଥମ ମହଲା କେବଳ ବିମ୍ ଅବସ୍ଥାରେ ଛାତ ପଡ଼ିଥିବା ବେଳେ ଦ୍ୱିତୀୟ ମହଲା ବିମ୍ ଉଠା ଯାଉଥିବା ଦେଖାଯାଇଛି। ଏହି କାମ ୩୦ ପ୍ରତିଶତ ଶେଷ ହୋଇ ନ ଥିବା ବେଳେ କେବେ କାମ ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣ ଅବଧି ଶେଷ ହେବାକୁ ୩ ମାସ ବିତିଥିବା ବେଳେ କାର୍ଯ୍ୟ ଶେଷ ନ ହେବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବୈଧ ମାପ ବିଜ୍ଞାନ ବିଭାଗ କାର୍ଯ୍ୟାଳୟ କୋଠା ନିର୍ମାଣରେ ମଧ୍ୟ ମନ୍ଥରତା ସୃଷ୍ଟି ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ନିକଟରେ ଏହାର ନିର୍ମାଣ କାର୍ଯ୍ୟ କରାଯାଉଛି। ୧ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କାମ ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ମସିହା ଫେବୃଆରୀ ସୁଦ୍ଧା ଶେଷ ହେବାକୁ ଯୋଜନା ରହିଥିଲା। ଏଯାଏଁ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖାଯାଇଛି।

# ସଫେଇ ମଣିଷ ମାଧବଙ୍କ ପରଲୋକ

## ସମାନାର୍ଥେ ବଜାର ବନ୍ଦ



ଭାପୁର,୭।୧୨(ସମିସ): ଭାପୁର ବ୍ଲକ ଭାପୁର ବଜାରକୁ ଦୀର୍ଘ ୩୫ ବର୍ଷ ହେଲା ବିନା ପାରିଶ୍ରମିକରେ ସଫା କରୁଥିବା ଭାପୁର ଗ୍ରାମ ପାଇକସାହିର ମାଧବ ନାୟକ(୮୫)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶନିବାର ସକାଳେ ଭାପୁର ବସଷ୍ଟାଣ୍ଡସଫା କରୁଥିବା ସମୟରେ ହୃଦଘାତ ହେବାରୁ ସେଠାରେ ଟଳି ପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭାପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଭାପୁର ଗ୍ରାମ ବାଲୁଙ୍କେଶ୍ୱର ଦେବ ମନ୍ଦିର ପାଇଁ ସବୁଦିନେ ବଜାର ବୁଲି ଟଙ୍କେ ଦୁଇ ଟଙ୍କା ଆଦାୟ କରି ମନ୍ଦିରର ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ଶୁଣି ଶତାଧିକ ବ୍ୟକ୍ତି ଏକତ୍ରିତ ହୋଇ ତାଙ୍କ ମର ଶରୀରକୁ ବଜାର ପରିକ୍ରମା କରାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଇଛନ୍ତି। ତାଙ୍କ ସମ୍ମାନରେ ଭାପୁର ବଜାର ସକାଳଠାରୁ ଦିନ ଦୁଇଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା।

■ କଲରାପତରିଆ ବାଘ ମୃତ୍ୟୁ ଘଟଣା

# ଦୁଇ କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ୍

ନୟାଗଡ଼,୭।୧୨(ସମିସ): ନୟାଗଡ଼ ବନଖଣ୍ଡ ଅଧିନସ୍ଥ ଖଣ୍ଡପଡ଼ା ବନାଞ୍ଚଳ ସିଂଘାପଡ଼ା ସେକ୍ସନରେ କଲରାପତରିଆ ବାଘ ମୃତ୍ୟୁ ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ବନପାଳ କୈଳାସ ପ୍ରଧାନ ଓ ବନରକ୍ଷୀ ଲୋକନାଥ ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ଉଭୟଙ୍କୁ ବିଭାଗ ନିଲମ୍ବନ କରିବା ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ କରିଛି। ଅପରପକ୍ଷରେ ତରବରିଆ ଭାବେ ଦୁଇ ଜଣଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ବାରହା ଶୀକାର ପାଇଁ ବିଦ୍ୟୁତ୍ ଫାଶ ବସାଇଥିବା ବେଳେ ସେହି ଫାଶରେ ପଡ଼ି କଲରାପତରିଆର ମୃତ୍ୟୁ ଘଟିଛି ବୋଲି ପ୍ରାଥମିକ ଭାବେ ବନବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣା ପଛରେ ଅନେକ ରହସ୍ୟ ରହିଥିବା ଆଲୋଚନା ହେଉଛି। ବାଘକୁ ଶୀକାର କରାଯାଇଥିବା ସ୍ଥାନୀୟ ବାସିନ୍ଦା କହୁଥିବା ବେଳେ ବନ ବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ଦୁଇ ଜଣ ନିରୀହ ଲୋକଙ୍କୁ ଗିରଫ କରିଥିବା ସେମାନଙ୍କ ପରିବାର ଅଭିଯୋଗ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲରୁ ବାଉଁଶ କାଟିବା ଏହାର ଅତ୍ୟତମ କାରଣ ବୋଲି ଆଲୋଚନା ହେଉଛି। ବାଉଁଶ କାଟିବା ପଛରେ ବନ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଏବଂ ଜଙ୍ଗଲ ପତଳା ହେବାରୁ ବାଘ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ହେଉଛି। ନୟାଗଡ଼ ବନଖଣ୍ଡରେ ବିଗତ ଦୁଇ ବର୍ଷ ମଧ୍ୟରେ ଅନେକ ବନ୍ୟପ୍ରାଣୀଙ୍କୁ ଶୀକାର କରାଯାଉଥିବା ବେଳେ ବନ ବିଭାଗ ସେ ସବୁକୁ ଜାଣି ଅଜଣା ହେବାର ଅଭିନୟ କରୁଛି। ଯଦି ସରକାର ରେଢ଼ାଖୋଲ ଡିଏଫ୍ଓ ଅରବିନ୍ଦ ମହାନ୍ତିଙ୍କୁ ହାତୀ ମୃତ୍ୟୁ ପାଇଁ ଦାୟୀ କରି ବଦଳି କରିଛନ୍ତି, ତେବେ କଲରାପତରିଆ ମୃତ୍ୟୁ ଘଟଣାରେ କାହିଁକି ନୟାଗଡ଼ ଡିଏଫ୍ଓଙ୍କୁ ବଦଳି କରା ନ ଯିବ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି। ଚାରାରୋପଣଠାରୁ ଆରମ୍ଭ କରି ସାର କିଣା ପର୍ଯ୍ୟନ୍ତ ବ୍ୟାପକ କେଳେଙ୍କାରୀରେ ବନବିଭାଗ ଛନ୍ଦି ହେଉଥିବା ବେଳେ ମନରେଗା ପାଣ୍ଠି ଅନିୟମିତତା ସନ୍ଦେହ କରି ଜିଲ୍ଲା ପରିଷଦ ସଭ୍ୟମାନେ ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ଦେଇଛନ୍ତି।

# ବ୍ଲକ୍ସ୍ତରୀୟ ସାମାଜିକ ଲିଙ୍ଗଭିତ୍ତିକ ସମତା ପ୍ରଶିକ୍ଷଣ



ଶରଣକୁଳ,୭।୧୨(ସମିସ): ଓଡିଶା ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରାଧିକରଣ ଓ ସମଗ୍ର ଶିକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଓଡଗାଁ ବ୍ଲକସ୍ତରୀୟ ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ପ୍ରଶିକ୍ଷଣ ଶିବିର ବଡଗୋରଡା ଅଙ୍ଗିସିଙ୍ଗି ସହଯୋଗୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇ ଯାଇଛି। ତିନିଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଶରଣକୁଳ, କଲ୍ୟାଣପୁର, ସୋଲାପଟା, ଅଙ୍ଗିସିଙ୍ଗି, ବଡ଼କୁଟୁଣି, ଗୋଡିପଡା ଆଦି ଛଅଟି କ୍ଲଷ୍ଟରର ୩୫ଟି ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ରଞ୍ଜନ କୁମାର ଦାଶ, ରବୀନ୍ଦ୍ର କୁମାର ମହାପାତ୍ର, ନୀଳିମା ବାହିନୀପତି, ପୂଜାରାଣୀ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲିଙ୍ଗଗତ ପ୍ରଭେଦତା, ବ୍ୟବସ୍ଥାଗତ ସମସ୍ୟା, ଶିକ୍ଷା ମଧ୍ୟରେ ଥିବା ଲିଙ୍ଗଗତ ସାମାଜିକ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଶିକ୍ଷକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପ୍ରଶିକ୍ଷିକା ଭାରତୀ ମିଶ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ସିଆରସିସି ରାଜେଶ କୁମାର ଷଡଙ୍ଗୀ ଓ ବିଜୟ କୁମାର ପୃଷ୍ଟି ପରିଚାଳନା କରିଥିବା ବେଳେ ଯୋଗେନ୍ଦ୍ର ନାଥ ପ୍ରଧାନ, ମୋହନ ସାହୁ, ଅଶୋକ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ଭାପୁର,୭।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ କାମନା ସାହିରେ କାମେନା ଠାକୁରାଣୀଙ୍କ ପ୍ରାଙ୍ଗଣରେ ଶନିବାରଠାରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ଅଧିବାସ ଓ ଘଟ ସ୍ଥାପନ, ଶନିବାର,ରବିବାର ଓ ସୋମବାର ପ୍ରବଚକ ଗୁରୁପ୍ରସାଦ ମହାପାତ୍ର, ମଙ୍ଗଳବାର, ବୁଧବାର ଓ ଗୁରୁବାର ପ୍ରବଚକ ପଣ୍ଡିତ ଗୋପାଳ ରାଜଗୁରୁ, ଶୁକ୍ରବାର, ଶନିବାର ଓ ରବିବାର ପ୍ରବଚକ ହରିହର ଜେନା। ବ୍ୟାସ ଭାବେ ପଣ୍ଡିତ ସନ୍ତୋଷ କୁମାର ବାହିନୀପତି ଓ ଆଚାର୍ଯ୍ୟ ଭାବେ ସୁରେଶ ଚନ୍ଦ୍ର ମିଶ୍ର ଦାୟିତ୍ୱ ତୁଲାଇବେ।

# ଘୋଡ଼ଲାଗି ହେଲେ ଶ୍ରୀରଘୁନାଥ ଜୀଉ



ଓଡ଼ଗାଁ,୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଠାରେ ବିଜେ ପ୍ରଭୁ ଶ୍ରୀ ରଘୁନାଥଙ୍କ ମାନବୀୟ ଲିଳା ଆଧାରରେ ଶନିବାର ମାର୍ଗଶୀର ଶୁକ୍ଳ ଷଷ୍ଠୀ ଅବସରରେ ଘୋଡ଼ଲାଗି ଆରମ୍ଭ ହୋଇଥିବା ବେଳେ ଏହା ଶ୍ରୀ ପଞ୍ଚମୀ ପର୍ଯ୍ୟନ୍ତ ପାଳିତ ହୋଇଥାଏ। ନୀତି ଓ ପରମ୍ପରା ଆଧାରରେ ଶୀତଋତୁର ପ୍ରବେଶରେ ଶରୀରକୁ ଉଷ୍ମତା ପ୍ରଦାନ କରି ଶୀତ ପ୍ରକୋପରୁ ରକ୍ଷା କରିବା ପାଇଁ ପ୍ରଭୁଙ୍କ ଶ୍ରୀମୁଖକୁ ଛାଡି ସର୍ବାଙ୍ଗରେ ଘୋଡ଼ଲାଗି କରାଯାଇଥାଏ। ଓଢଣଷଷ୍ଠୀ ତଥା ପ୍ରାବରଣ ତିଥି ଠାରୁ ମାଘଶୁକ୍ଳ ବରଦା ଚତୁର୍ଥୀ ୨ମାସ ଧରି ଶ୍ରୀଜିଉମାନେ ଶୀତବସ୍ତ୍ର ପରିଧାନ କରିଥାନ୍ତି। ଏବଂ ଶ୍ରୀପଞ୍ଚମୀଠାରୁ ଶ୍ରୀଜୀଉମାନେ ପୁନଶ୍ଚ ସାଧାରଣ ବେଶରେ ପୂର୍ଣ୍ଣ ଦର୍ଶନ ଦେବେ। ଆଜିଭୋର ସାଢେ ୪ଟାରେ ମଙ୍ଗଳଆଳତି, ସ୍ନାନ, ଅବକାଶ, ପଞ୍ଚାମୃତ ସ୍ନାନ, ଦର୍ପଣୀ ସ୍ନାନ, ତଡପ ଲାଗି, ମଇଲମ, ଖଟଣ ନୀତି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀ ଭାଗବତଜୀଉ ପୂଜା, ବଲ୍ଲଭ ନୀତି ସହିତ କର୍ପୁର ଆଳତୀ, ଖେଚୁଡି ଧୂପ, ମହାଆଳତୀ ଓ ଚାମରସେବା ପରେ ଶ୍ରୀଜୀଉଙ୍କ ଘୋଡଲାଗି ନୀତି ଅନୁଷ୍ଠିତ ହୋଇଛି। ଆଜିର ପାଳିଆ ପଣ୍ଡା ପୂଜକ ପରିଷଦର ସମସ୍ତକର୍ମକର୍ତ୍ତା ଓ ମନ୍ଦିର ପରିଚାଳକ ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମୋ ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ଓଡଗାଁ,୭ ।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁର ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗାୟତ୍ରୀ ବିଦ୍ୟା ମନ୍ଦିର ମଶାବାରି ଆନୁକୂଲ୍ୟରେ ମୋ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ. ଜଳନ୍ଧର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସାରସ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗାୟତ୍ରୀ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ର, ଅଧ୍ୟକ୍ଷ ବିରେନ୍ଦ୍ର ସାହୁ, ନୀଳମାଧବ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ପ୍ରଭାତି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ଶିଶୁ ବର୍ଷା ପ୍ରିୟଦର୍ଶିନୀ ଏବଂ ଆଦ୍ୟାଶା ପାଣିଗ୍ରାହୀଙ୍କ ମୋ ପାଇଁ ଗଛଟିଏ ବିଷୟକୁ ନେଇ ବକ୍ତବ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ଏଥିରେ ପ୍ରଭାବିତ ହୋଇ ସେହି ହାଇସ୍କୁଲର ସୁଚିନ୍ତିକା ମୋ ପାଇଁ ଗଛଟିଏ କବିତା ପାଠ କରି ପ୍ରଶଂସିତ ହୋଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ସ୍କୁଲର ପ୍ରଧାନ ଶିକ୍ଷକ ମୁଗ୍ଧହୋଇ ୨ ଶିଶୁଙ୍କ ସହିତ ସୁଚିନ୍ତିକାକୁ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ଜ୍ୟୋତୀପ୍ରକାଶ ପ୍ରଧାନ ଏବଂ ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିମ୍ନମାନର ପୋଷାକ ଯୋଗାଣ ଅଭିଯୋଗ

## ବିଡିଓଙ୍କୁ ଫେରାଦ ହେଲା ସ୍କୁଲ କମିଟି

ଓଡ଼ଗାଁ,୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଉଁଶଗାଡ଼ିଆ କ୍ଲଷ୍ଟରକୁ ପୋଷାକ ଯୋଗାଇବା ପରେ ସେଥିରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ପୋଷାକ ଗୁଡ଼ିକ ଅତି ନିମ୍ନମାନର ହୋଇଥିବା ଦେଖି ପ୍ରଧାନଶିକ୍ଷକ ସେଗୁଡିକୁ ଫେରାଇ ଦେଇଥିଲେ। ହେଲେ ମଶାବାରୀ କ୍ଲଷ୍ଟର କୁରୁମବାଙ୍କତରା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୁଣି ନିମ୍ନମାନର ପୋଷାକ ଯୋଗାଇ ଫସି ଯାଇଛନ୍ତି ସାହୁ ଗାରମେଣ୍ଟସ। ଏନେଇ ସ୍କୁଲ ପରିଚାଳନା କମିଟି ସଭାପତି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଓଡ଼ଗାଁସ୍ଥ ସାହୁ ଗାରମେଣ୍ଟସକୁ ୩ଟି କ୍ଲଷ୍ଟରର ୨୪ଟି ବିଦ୍ୟାଳୟରେ ପୋଷାକ ଯୋଗାଇବା ନିମନ୍ତେ ନିର୍ଦ୍ଦେଶ ରହିଥିଲା। ନିମ୍ନମାନର ପୋଷାକ ଦେଇଥିବା ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି ସଭାପତି ଏନେଇ ଅଭିଯୋଗ କରିଛନ୍ତି। ସାହୁ ଗାର୍ମେଣ୍ଟସ୍ କୁରୁମବାଙ୍କତରା ବିଦ୍ୟାଳୟରେ ୩୭୫ ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୋଷାକ ଯୋଗାଇଥିଲେ। ସେଗୁଡ଼ିକ ଅତି ନିମ୍ନମାନର ହୋଇଥିବା ଜଣାପଡ଼ିବାରେ ସ୍କୁଲ କମିଟି ପୋଷାକ ଗୁଡ଼ିକୁ ଫେରାଇ ଦେବା ସହିତ ବିଡ଼ିଓଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ପୋଷାକ ଗୁଡ଼ିକ ଛୋଟ ହେବା, ସିଲେଇ ଖୋଲାଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲକ ବାରିକ ଶୁକ୍ରବାର ବିଡ଼ିଓଙ୍କ ନିକଟରେ ପୋଷାକ ଦେଖାଇ ପ୍ରମାଣ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ହେବ ବୋଲି ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ କମିଟ ସଭାପତିଙ୍କୁ କହିଛନ୍ତି।

# ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

## ପଞ୍ଚପାଣ୍ଡବଙ୍କ ନାମରେ ପଞ୍ଚକୁଣ୍ଡୀୟ ଯଜ୍ଞରେ ପୂର୍ଣ୍ଣାହୂତୀ



ଗଣିଆ,୭।୧୨(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ମା' କଳାପାଟ ପୀଠ ପରିସରରେ ଗତ ୪ଦିନ ଧରି ଚାଲୁ ରହିଥିବା ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଓଢଣ ଷଷ୍ଠୀ ତିଥିର ଅପରାହ୍ନରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ପଞ୍ଚକୁଣ୍ଡୀୟ ମହାଯଜ୍ଞରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଘୃତାହୂତୀ ପୂର୍ବକ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସିଦ୍ଧଯୋଗୀ ବାବା ଶ୍ରୀ ଶ୍ରୀ ରାମଦାସଙ୍କର ୭୪ତମ ଜନ୍ମ ଉତ୍ସବ ଉପଲକ୍ଷେ ଭୁବନେଶ୍ୱର ଧଉଳି ସ୍ଥିତ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ଦ୍ୱାରା ବିଗତ ୩୨ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନ୍ତିମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ ସୂର୍ଯ୍ୟନାରାୟଣ ପୂଜା, ଦ୍ୱାରପାଳ ପୂଜା, ଗୁରୁ ପୂଜା, ସାଧୁ ପୂଜନ କରାଯିବା ସହ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ବାବା ରାମଦାସଙ୍କ ସ୍ୱଲିଖିତ ମଧୁର ଝଲକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ଦିନରେ ମଣିଭଦ୍ରା ପର୍ବତ ଶୀଖରେ ନୀଳ କଇଁ ପ୍ରସ୍ଫୁଟିତ ହେବା ସହ ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି। ସେହିପରି ମଣିଭଦ୍ରାଠାରେ ପଞ୍ଚସଖାଙ୍କ ମିଳନ, ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପନ ହେବ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜାଇଫୁଲ ମାଳିକାରେ ଉଲ୍ଲେଖ ରହିଛି। ଭଜନମଣ୍ଡପରେ ମହାଯଜ୍ଞରେ ଯୋଗଦେଇଥିବା ସାଧୁସନ୍ଥଙ୍କୁ ନେଇ ମଧ୍ୟାହ୍ନରେ ସୁଧର୍ମା ସଭାର ଆୟୋଜନ କରାଯାଇଥିଲା। ସଭାସ୍ଥଳୀରେ ଉପସ୍ଥିତ ଶତାଧିକ ସାଧୁସନ୍ଥ, ଦିବ୍ୟାଙ୍ଗ, ଗରିବ ଓ ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ଲୁଗା , ଶୀତବସ୍ତ୍ର ସହ ଦକ୍ଷିଣା ପ୍ରଦାନ କରାଯାଇଥିଲା। ପରେ ସଭାସ୍ଥଳୀରୁ ବାବା ରାମଦାସଙ୍କର ପାଦୁକାକୁ ଭକ୍ତ ମସ୍ତକରେ ଧରି ଯଜ୍ଞମଣ୍ଡପକୁ ନେଇଥିଲେ। ଏହା ପରେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟ ଆରମ୍ଭ ହୋଇଥିଲା। ବାବାଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ବରେ ଅର୍ଜ୍ଜୁନ, ପଶ୍ଚିମରେ ନକୁଳ, ଉତ୍ତରରେ ସହଦେବ, ଦକ୍ଷିଣରେ ଭୀମ ଓ ମଧ୍ୟମ ସ୍ଥଳରେ ଯୁଧିଷ୍ଠିର ମହାରାଜଙ୍କର ନାମରେ ଯଜ୍ଞକୁଣ୍ଡ ନିର୍ମାଣ କରାଯାଇ ବିଶ୍ୱର କଲ୍ୟାଣ ନିମିତ ଘୃତାହୂତି ପ୍ରଦାନ କରାଯାଇଥିଲା। ମହାଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ଆୟୋଜକ କମିଟି ସଭାପତି ଅଜୟ ପଟ୍ଟନାୟକ, ପାର୍ଥ ସାରଥୀ ମହାନ୍ତି, ଧିରେନ୍ଦ୍ର ପାଣିଗ୍ରାହୀ, ଦେବ ସାମନ୍ତରା, ନିର୍ମଳ ପଟ୍ଟନାୟକ, ବାବଙ୍କ ପଟ୍ଟଶିଷ୍ୟ ଲଳିତ ନାରାୟଣ ଓ ଶୋଭନ ମହାକୁଡଙ୍କ ସମେତ ବହୁ ଶ୍ରଦ୍ଧାଳୁ ଆହୂତି ଅର୍ପଣ କରିଥିଲେ।

● ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା ଜାରି

# ସ୍କୁଲ୍‌ରେ ତାଲା; ମଧ୍ୟାହ୍ନଭୋଜନ ବନ୍ଦ

**ବେଗୁନିଆ,୭।୧୨(ସମିସ):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କ ବଦଳି ବାତିଲ କରିବାକୁ ନେଇ ଧାରଣା ଦ୍ୱିତୀୟ ଦିନରେ ଅବ୍ୟାହତ ରହିଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ଛାତ୍ରଛାତ୍ରୀ ସାମିଲ ହୋଇ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟରେ ତାଲା ପକାଇ ରାସ୍ତା ଉପରେ ଧାରଣାରେ ବସି ବିଭିନ୍ନ ନାରାବାଜି ଦେଇଥିଲେ। ଶିକ୍ଷକ ଦୁଇଜଣ ବାହାରେ ଠିଆ ହୋଇ ଛୁଟି ହେବା ପର୍ଯ୍ୟନ୍ତ ଅପେକ୍ଷା କରି ଘରକୁ ଫେରି ଯାଇଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଶିକ୍ଷକଙ୍କ ସ୍ଥାନାନ୍ତର ବାତିଲ ବିବାଦର କୌଣସି ଆପୋଷ ସମାଧାନ ନ ହୋଇପାରିବାରୁ ପାଠ ପଢା ଛାଡି ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇ ଧାରଣା ଦେଇଥିଲେ। ଏଥିରେ କ୍ଲଷ୍ଟରର ସିଆର୍‌ସିସି ଧାରଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିବା ବେଳେ ଘଟଣାର କୌଣସି ଆପୋଷ ସମାଧାନ ହୋଇ ପାରି ନଥିଲା। ଅନ୍ୟପଟେ ଶିକ୍ଷକ ଶ୍ରୀ ପୃଷ୍ଟି ଗୋଡ଼ା ଲୋକନାଥ ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରିଲିଭ ନହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଟେଲିଫୋନ ବାର୍ତ୍ତା ପାଇ ରାଉତପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇ କାର୍ଯ୍ୟ କରିଛନ୍ତି। ସୋମବାରଠାରୁ ଘଟଣାର ସମାଧାନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ସହ ବିକାଶ ସାମନ୍ତରାୟ, ଜୟକୃଷ୍ଣ ଚମ୍ପତିରାୟ, ପ୍ରଦ୍ୟୁମ୍ନ ରଣବିଜୁଳୀ, ରବୀନ୍ଦ୍ର ସାମନ୍ତରାୟ ଓ କୃପାସିନ୍ଧୁ ସୁନ୍ଦରାୟ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କୁ ପଚାରିବାରେ ନିୟମ ଅନୁସାରେ କାର୍ଯ୍ୟ ହୋଇଛି ବୋଲି କହିଛନ୍ତି।



# କାନ୍ଥଲିପିରେ ଗାୟତ୍ରୀ ମହାମନ୍ତ୍ରକୁ ଉପହାସ

**ଖୋର୍ଦ୍ଧା,୭।୧୨(ସମିସ)**

ଜିଲ୍ଲାର କଳା, ସଂସ୍କୃତି ଓ ଇତିହାସକୁ ମନେପକେଇ ଦେଉଛି କାନ୍ଥରେ ଅଙ୍କା ଯାଇଥିବା ଚିତ୍ରପଟ୍ଟ। ତେବେ ସହର ସାରା କାନ୍ଥ ବାଡ଼ରେ ବିଭିନ୍ନ ପୋଷ୍ଟର, ବେସରକାରୀ ଲେଖା ଓ ବିଭିନ୍ନ ପ୍ରକାର ବିଜ୍ଞାପନ ଲେଖାରେ କାନ୍ଥବାଡ଼ ଅତି କଦାକାର ହୋଇପଡ଼ିଥିବାବେଳେ ଜନମନକୁ ଆକର୍ଷିତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚିତ୍ରପଟ୍ଟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କେଉଁଠି ଇତିହାସ, ସଂସ୍କୃତି ସମ୍ପର୍କିତ ଚିତ୍ର କରାଯାଇଛି ତ ଆଉ କେଉଁଠି ବିଭିନ୍ନ ଧର୍ମର ଦେବାଦେବୀଙ୍କ ଚିତ୍ର ଏବଂ ମନ୍ତ୍ର ଲେଖାଯାଇ କାନ୍ଥକୁ ଆକର୍ଷିତ କରାଯାଇଛି। ତେବେ ଜୟୀ ରାଜଗୁରୁ ପାର୍କ ସମ୍ମୁଖ ଏକ କାନ୍ଥରେ ପୌରପରିଷଦ ପକ୍ଷରୁ ଗାୟତ୍ରୀ ମନ୍ତ୍ର ଲେଖାଯାଇଛି। ଶାସ୍ତ୍ରରେ ଗାୟତ୍ରୀ ମନ୍ତ୍ରକୁ ଖୁବ ଶକ୍ତିଶାଳୀ ବୋଲି ବର୍ଣ୍ଣନା କରାଯାଇଛି। ଏହାକୁ ମହାମନ୍ତ୍ର ମଧ କୁହାଯାଏ। ଏହାର ଅର୍ଥକୁ ବୁଝି ସମ୍ପୂର୍ଣ୍ଣ ଏକାଗ୍ରତା ସହ ଏହାର ଗାନ କରିବା ଦ୍ୱାରା ସକରାତ୍ମକ ଶକ୍ତି ମିଳିବା ସହ ଆଖାପାଖର ବାତାବରଣରେ ମଧ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ଏହା ସର୍ବଶ୍ରେଷ୍ଠ ମନ୍ତ୍ର ବୋଲି କୁହାଯାଏ। ମାତ୍ର ପୌରପରିଷଦ ପକ୍ଷରୁ ଉକ୍ତ ମନ୍ତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭୁଲ ଲେଖାଯାଇଥିବାବେଳେ ଏହା ହିନ୍ଦୁଧର୍ମାବଲମ୍ବୀଙ୍କୁ




ଶକ୍ତ ଆଘାତ ଦେଇଛି। ସତେ ଯେମିତି ଲେଖକ ଓଡ଼ିଆ ଭାଷା ବିଷୟରେ ଅନଭିଜ୍ଞ। ସେହିପରି ଏହି ମନ୍ତ୍ରକୁ କାନ୍ଥରେ ଲେଖାଯାଇଥିବାବେଳେ ଦୀର୍ଘଦିନ ଧରି ଏହା ଲେଖାହେବା ସତ୍ତ୍ୱେ ଏହାର ତଦାରଖ ମଧ ପୌରପରିଷଦ ପକ୍ଷରୁ କରାଯାଉନି। ଯାହା ଏକ ଧର୍ମକୁ ପୌରପରିଷଦର ଉପହାସ ବୋଲି କୁହାଯାଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢୁଛି। ତେଣୁ ଏହାକୁ ସଂଶୋଧନ ଲାଗି ବିଭିନ୍ନ ଅନୁଷ୍ଠାନ ଓ ଫୋରମ ପକ୍ଷରୁ ଦାବି ହେଉଛି।

ଏନେଇ ଗୀତା ଗବେଷଣା ପରିଷଦ ଖୋର୍ଦ୍ଧା ସମ୍ପାଦକ ଶକ୍ତିଶଙ୍କର ମିଶ୍ର କୁହନ୍ତି, ସନାତନ ଧର୍ମର ମ ହ। ମ ନ୍ତ୍ର ଭାବେ ଏହି ମନ୍ତ୍ରକୁ କୁହାଯାଏ। ଗାୟତ୍ରୀଙ୍କ ମନ୍ତ୍ରରେ ୨୪ଟି ଅକ୍ଷର ମିଶି ଏହା ହୋଇଛି। ଏହାକୁ ସଠିକ ଭାବେ ଓ ଉଚିତ ନିୟମ ଅନୁଯାୟୀ ଗାନ କରିବା ଆବଶ୍ୟକ। ଏହାଦ୍ୱାରା ଜୀବନରେ ଥିବା ସମସ୍ତ ବାଧା ଦୂର ହୋଇଥାଏ। କିନ୍ତୁ ଏହି ମହାମନ୍ତ୍ରକୁ କଦର୍ଥ କରି ଲେଖାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହି ଘଟଣାର ତଦନ୍ତ କରି ଅତିଶୀଘ୍ର ସଂଶୋଧନ କରିବା ଜରୁରୀ। ସେହିପରି ବରିଷ୍ଠ ଅଧିବକ୍ତା ଲୋତକବିନ୍ଦୁ ପଟ୍ଟନାୟକଙ୍କ କହିବା କଥା ଓଡ଼ିଆ ଅସ୍ମିତାକୁ ନେଇ ସରକାର ଗର୍ବ କରୁଥିବାବେଳେ ପୌରପ୍ରଶାସନ ଯେଭଳି ଭାବରେ ଓଡ଼ିଆ ଭାଷାକୁ ଭୁଲୁଣ୍ଠିତ କରି ଗାୟତ୍ରୀ ମହାମନ୍ତ୍ରକୁ ଲେଖିଛନ୍ତି ତାହା ଅତ୍ୟନ୍ତ ନୀନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଯଥାଶୀଘ୍ର ତାହା ସଂଶୋଧନ କରିବାର ଆବଶ୍ୟକତା ରହିଛି। ନଚେତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ। ଅନ୍ୟପକ୍ଷରେ ଏନେଇ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ପଚାରିବାରେ ପୌରାଞ୍ଚଳରେ କାନ୍ଥଲିପି ପାଇଁ ଏକ ଏଜେନ୍ସିକୁ ଦୁଇବର୍ଷ ଲାଗି ଦାୟିତ୍ୱ ଦିଆଯାଇଛି। ଉକ୍ତ ଏଜେନ୍ସି କାନ୍ଥଲିପି କରୁଛି। ଯଦିଓ କେଉଁଠାରେ ଭୁଲ କାନ୍ଥ ଲିପି କରିଛନ୍ତି, ତାର ସଂଶୋଧନ କରାଯିବ।

● ଅଭିଯୋଗ ପରେ ବି ଶୁଣୁନି ପୌର ପରିଷଦ
● ଅସନ୍ତୋଷ ପ୍ରକାଶ କଲେ ବିଭିନ୍ନ ଅନୁଷ୍ଠାନ
● ତୁରନ୍ତ ସଂଶୋଧନ ଓ କାର୍ଯ୍ୟାନୁଷ୍ଠାନ ଦାବି

## ମଇଁଷି ବୋଝେଇ ଗାଡ଼ି ଜବତ; ୨ ଗିରଫ

ଖୋର୍ଦ୍ଧା,୭।୧୨(ସମିସ): ଶିଲ୍ପାଞ୍ଚଳ ଥାନା ପୁଲିସ ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ପଞ୍ଚମୂର୍ତ୍ତି ନିକଟରୁ ଏକ ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏଥିରୁ ପୁଲିସ ୩ଟି ମଇଁଷି ଉଦ୍ଧାର କରିଥିଲା। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ, କଟକ ଜିଲ୍ଲା ଓଲଟପୁରର ଭରତ ପ୍ରଧାନ (୫୩) ଏବଂ ତାଣ୍ଡିକଣାର ସଞ୍ଜୟ ପ୍ରଧାନ (୩୮)। ସୂଚନା ଅନୁସାରେ, ଭୁବନେଶ୍ୱର ଦିଗରୁ ଏକ ମଇଁଷି ବୋଝେଇ ଗାଡ଼ି ଆସୁଥିବା ଖବର ପାଇ ବଜରଙ୍ଗ ଦଳ କର୍ମୀ ଉକ୍ତ ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଗଡ଼ଖୋର୍ଦ୍ଧା ପଞ୍ଚପାଇକ ନିକଟରେ ଗାଡ଼ିକୁ ଅଟକାଇ ଶିଳ୍ପାଞ୍ଚଳ ପୁଲିସ ଜିମା ଦେଇଥିଲେ। ଗାଡ଼ିଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରିନଥିବାରୁ ପୁଲିସ ଗାଡ଼ିକୁ ଜବତ କରିଥିଲା। ଉଦ୍ଧାର ୩ ମଇଁଷିକୁ ପୁଲିସ ଖଣ୍ଡପଡାସ୍ଥିତ କାମଧେନୁ ଗୋଶାଳାରେ ଛାଡ଼ିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।



## ବାଣପୁରରେ କୁରାଳ ପଞ୍ଚମୀ ପାଳିତ



**ବାଲୁଗାଁ,୭।୧୨(ସମିସ):** ପବିତ୍ର ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରେ ବାଣପୁର ବ୍ଲକର ଭୀମପୁର ଗ୍ରାମର କୁମ୍ଭକାର ସମାଜ ତରଫରୁ ତିନି ଦିନ ଧରି କୁରାଳ ପଞ୍ଚମୀ ଓ ଓଢ଼ଣୀ ଷଷ୍ଠୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟହଃ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ସହ ଦୈନନ୍ଦିନ ନାମସଂକୀର୍ତ୍ତନ, ଯଜ୍ଞ, ଭଜନ ସମାରୋହ, ଚକ ପୂଜା ଓ ଅନ୍ନ ଯଜ୍ଞ କରାଯାଉଛି। ସେହିପରି କୁରୁଞ୍ଜିପୁର, ମୁକ୍ତାଦେଇପୁର, ସାରୁବାରିପଦର, ଓସ୍ତାପଲ୍ଲୀ, ବିଷ୍ଣୁଡ଼ିହ ଓ ହଜ୍ ଆଦି ଗ୍ରାମରେ କୁରାଳ ପଞ୍ଚମୀ ପାଳନ କରାଯାଉଛି।

## ମା' ଭଗବତୀ ମନ୍ଦିରରେ ଇ-ହୁଣ୍ଡି

**ବାଣପୁର,୭।୧୨(ସମିସ):** ରାଜ୍ୟର ପ୍ରମୁଖ ଶକ୍ତି ପୀଠ ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀ ମନ୍ଦିର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ଅନୁରୋଧକ୍ରମେ ବାଣପୁର ୟୁକୋ ବ୍ୟାଙ୍କ ତରଫରୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ନିମନ୍ତେ ଏକ ଇ-ହୁଣ୍ଡି ସ୍ଥାପନା କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର ଆଞ୍ଚଳିକ ଉପପ୍ରବନ୍ଧକ କେ.ପି.ସିଂ ଯୋଗଦେଇ ଇ-ହୁଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ବହୁ ଦୂର ଦୂରାନ୍ତରେ ରହୁଥିବା ତଥା ମନ୍ଦିର ପରିଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁ ମା'ଙ୍କ ସେବା ଓ ମନ୍ଦିରର ଉନ୍ନତି କାର୍ଯ୍ୟ ନିମନ୍ତେ ଉକ୍ତ ଇ-ହୁଣ୍ଡି ମାଧ୍ୟମରେ ନିଜ ଅଞ୍ଚଳରେ ରହି ମଧ ଅର୍ଥ ରାଶି ଦାନ କରିପାରିବେ। ଯାହାକି ମା'ଙ୍କ ମନ୍ଦିର ନାମରେ ଥିବା ବ୍ୟାଙ୍କ ଜମା ଖାତାରେ ସିଧା ସଳଖ ଜମା ହୋଇ ପାରିବ ବୋଲି ୟୁକୋ ବ୍ୟାଙ୍କର ବାଣପୁର ଶାଖା ପରିଚାଳକ ବାଉରୀବନ୍ଧୁ ବେହେରା ସୂଚନା ଦେଇଥିଲେ। ଏଥିପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ବିଡିଓ ଶୀତଲ ଅଗ୍ରୱାଲ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ଥାନା ଅଧିକାରୀ ରମେଶ କୁମାର ଦେବତା, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ରମାକାନ୍ତ ନାୟକ ପ୍ରମୁଖ ମନ୍ଦିର କମିଟି ସଭ୍ୟଙ୍କ ସହ କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର, ବ୍ୟାଙ୍କ କର୍ମଚାରୀ ସ୍ମୃତିରଞ୍ଜନ ସେଠୀଙ୍କ ସମେତ ମନ୍ଦିରର ସମସ୍ତ ସେବାୟତ ଓ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।




## ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କଲମଛାଡ଼ ଆନ୍ଦୋଳନ



**ଜଟଣୀ,୭।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ସୋରଣ ଗ୍ରାମପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରକାଶ କୁମାର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ପ୍ରତିବାଦରେ ଆଜି ଜଟଣୀ ପଞ୍ଚାୟତ ସମିତି ଅଧୀନସ୍ଥ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ କଲମଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ଜଟଣୀ ଶାଖାର ନିର୍ବାହୀ ଅଧିକାରୀ, ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟବନ୍ଦ କରି କଲମଛାଡ଼ ଆନ୍ଦୋଳନ କରିଥିଲେ। ଏଥି ସହିତ ଏକ ଲିଖିତ ଅଭିଯୋଗ ଜଟଣୀ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏନେଇ ଜିଲ୍ଲା ସଂଘ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା କୁହାଯାଉଛି। ତେବେ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଜିଲ୍ଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଜ ନିଜ ବ୍ଲକ୍ ଅଫିସ୍ ସମ୍ମୁଖରେ ଆଜିଠାରୁ ଶାନ୍ତିପୂର୍ଣ୍ଣ ଭାବେ କଲମଛାଡ଼ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ସଂଘର ସଭାପତି ଦେବାଶିଷ ସେଠୀ, ସମ୍ପାଦକ ନିହାର ରଞ୍ଜନ ଦାସ, ମଙ୍ଗରାଜ ରାଉଳ, ସୁବ୍ରତ କୁମାର ନାୟକ, ପିଙ୍କି ସେଠୀ, ସସ୍ମିତା ଜେନା, ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଷାକ ବିତରଣ ଉତ୍ସବ



**ଟାଙ୍ଗୀ,୭।୧୨(ସମିସ):** ସ୍ଥାନୀୟ କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ବିଜୟ କୁମାର ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ କୁହୁଡି ସରପଞ୍ଚ ପ୍ରିୟମ୍ବଦା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଲିପିନା ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ପ୍ରଶିକ୍ଷକ କାହ୍ନୁଚରଣ ବେହେରା, ସୁଚିତ୍ରା ରାଉତରାୟ, ସମରେନ୍ଦ୍ର ବେହେରା, ଶୈଳଭାମା ବେହେରା, ସସ୍ମିତା ଦଳବେହେରା, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ପେଣ୍ଡଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନତା ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ଟାଙ୍ଗୀ,୭।୧୨(ସମିସ):** ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡ଼ି ଜନତା ମହାବିଦ୍ୟାଳୟର ୩୯ତମ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜନତା ମହାବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ମହାବିଦ୍ୟାଳୟର ପରିଚାଳନା ପରିଷଦ ପ୍ରଥମ ସଂପାଦକ ରାମଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଗତ ୪ରେ ଆରମ୍ଭ ହୋଇଥିବା ଏହି ଉତ୍ସବ ୬ ତାରିଖରେ ସମାପନ ହୋଇଥିଲା। ଛାତ୍ରଛାତ୍ରୀ ସ୍ଥାନୀୟ ମହାବୀର ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଜନତା ଖେଳପଡ଼ିଆଠାରେ ସ୍ଥାପନ କରାଯାଇଥିଲା। +୨ ଓ +୩ ଛାତ୍ରଛାତ୍ରୀ ୧୦୦, ୨୦୦, ୪୦୦ ମିଟର ଦୌଡ଼, ଜାଭଲିନ ଥ୍ରୋ, ସଟ୍‌ପୁଟ ଥ୍ରୋ, ଡିସ୍‌କସ୍ ଥ୍ରୋ, ଲଙ୍ଗ ଜମ୍ପ, ହାଇ ଜମ୍ପ ଓ ମ୍ୟୁଜିକ ଚେୟାର ଆଦି ୧୫ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। +୨ ବିଭାଗରୁ ଦୀପ ଦାସ ଓ ଶ୍ରୀତମ ଜେନା ଚାମ୍ପିଅନ ହୋଇଥିବାବେଳେ +୩ ବିଭାଗରୁ ଦୀପୁ ପ୍ରଧାନ ଓ ଦର୍ଶନୀ ସିଂହ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ା ଉତ୍ସବକୁ ଅଧ୍ୟାପକ ଅପର୍ତ୍ତି ବେହେରା ଓ କ୍ରୀଡ଼ା ପ୍ରଶିକ୍ଷକ ଜୟକୃଷ୍ଣ ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ପରିଷଦ ପୂର୍ବତନ ସଂପାଦକ ଶ୍ରୀ ମହାପାତ୍ର, ପରିଚାଳନା କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। +୨ ଅଧ୍ୟକ୍ଷା ବନଶ୍ରୀ ରାଉତରାୟ, +୩ ଅଧ୍ୟକ୍ଷ ଟୁକୁନା ପ୍ରଧାନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଅଜଣା ବ୍ୟକ୍ତିଙ୍କ ମୃତଦେହ ସତ୍କାର କଲେ ସମାଜସେବୀ

**ଖୋର୍ଦ୍ଧା,୭।୧୨(ସମିସ):** ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି ଖୋର୍ଦ୍ଧା ରୋଟାରୀ କ୍ଲବର ସଭାପତି ତଥା ଯୁବ ସମାଜସେବୀ ରୁଦ୍ରନାଥ ଦତ୍ତ ଏବଂ ସହଯୋଗୀ। ଗତ ୧ ତାରିଖ ସନ୍ଧ୍ୟାରେ ଖୋର୍ଦ୍ଧା ବାଜପୁର ରାସ୍ତା ଆଞ୍ଚଳିକ ସଡ଼କ ପରିବହନ କାର୍ଯ୍ୟାଳୟ ନିକଟରେ ପ୍ରାୟ ୪୦ ବର୍ଷର ଜଣେ ଅଜଣା ବ୍ୟକ୍ତି ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି କିଛି ବାଟୋଇ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗତ ୩ ତାରିଖ ଦିନ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଦର୍ଶ ଥାନା ପୁଲିସ ମୃତକଙ୍କ ପରିଚୟ ଖୋଜିବା ସହିତ ଶବକୁ ୯୬ ଘଣ୍ଟା ଶବଗୃହରେ ସଂରକ୍ଷିତ ରଖିଥିଲା। ତେବେ ମୃତ ବ୍ୟକ୍ତିଙ୍କର ପରିଚୟ ନ ମିଳିବାରୁ ଆଦର୍ଶ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଶବ ନେବାପାଇଁ କେହି ଦାବିଦାର ନଥିବାରୁ ଖୋର୍ଦ୍ଧା ରୋଟାରୀ କ୍ଲବର ସଭାପତି ରୁଦ୍ରନାଥ ଦତ୍ତ, ସମ୍ପାଦକ ସଞ୍ଜୟ ବର୍ମନ, ପୂର୍ବତନ ସଭାପତି ତଥା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ବରିଷ୍ଠ ନାଗରିକ ତଥା ରୋଟାରିଆନ ଦେବୀ ପ୍ରସାଦ ମଜୁମଦାର, ତାପସ ବୋଷଙ୍କ ସହଯୋଗରେ ଶବଟିର ସତ୍କାର କାର୍ଯ୍ୟ ହୋଇଥିଲା।

## ଲୋକନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କୁମାରବସ୍ତ ଓ ଯାଁଳା ବିଜୟୀ

**ଖୋର୍ଦ୍ଧା,୭।୧୨(ସମିସ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମିନି ଆଧାର ମ୍ୟାଚ୍‌ରେ କୁମାରବସ୍ତ ଦଳ ଅରିସଲ ଦଳକୁ ୧୪ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ୮ ୱିକେଟ ହରାଇ ୧୪୩ ରନ୍ କରିଥିଲା। ଦଳ ପକ୍ଷରୁ ବନବିହାରୀ ସ୍ୱାଇଁ ୨୮, ଜ୍ୟୋତିରଞ୍ଜନ ସେନାପତି ୨୭ ଓ ସୋଭାକର୍ ପାତ୍ର ୨୨ ରନ୍ କରିଥିଲେ। ଜବାବରେ ଅରିସଲ୍ ଦଳ ଶୁଭେନ୍ଦୁ ପ୍ରଧାନଙ୍କ ୩୬ ରନ୍ ଓ ପ୍ରବୀଣ ପରିଡ଼ାଙ୍କ ୧୯ ରନ୍ ବଳରେ ୧୪.୩ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଏହି ଗ୍ରୁପ ଖେଳରେ ଶ୍ରେଷ୍ଠ ବ୍ୟାଟର ଶୁଭେନ୍ଦୁ ପ୍ରଧାନ, ଶ୍ରେଷ୍ଠ ବୋଲର ସୋମନାଥ ପଳେଇ, ଶ୍ରେଷ୍ଠ ଖେଳାଳି ଜ୍ୟୋତିରଞ୍ଜନ ସେନାପତି, ମ୍ୟାନ ଅଫ ଦି ସିରିଜ ଅମ୍ଲାନ ରାଉତରାୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଯାଁଳା ଦଳ ବାଙ୍କୁଆଳ ଦଳକୁ ୫ ୱିକେଟରେ ପରାସ୍ତ କରିଛି। ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ଆଦିତ୍ୟ ଦାସଙ୍କ ୨୬ ରନ୍ ଓ ଗୌତମ ସ୍ୱାଇଁଙ୍କ ୨୫ ରନ୍ ସହାୟତାରେ ୧୧.୫ ଓଭରରେ ୧୦ ୱିକେଟ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଦଳ ୧୧.୪ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ୧୧୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ତରଫରୁ ଅଭିମନ୍ୟୁ ସ୍ୱାଇଁ ୪୨ ରନ୍ ଓ ଅଭିଷେକ ପଟ୍ଟନାୟକ ୨୮ ରନ୍ କରିଥିଲେ। ଯାଁଳା ଦଳ ବିଜେତା ଓ ବାଙ୍କୁଆଳ ଦଳ ଉପବିଜେତା ହୋଇଥିଲେ। ଶ୍ରେଷ୍ଠ ବ୍ୟାଟର ଅଭିଷେକ ପଟ୍ଟନାୟକ, ଶ୍ରେଷ୍ଠ ବୋଲର ଶ୍ରୀକାନ୍ତ ମହାରଣା, ଶ୍ରେଷ୍ଠ ଖେଳାଳି ଓ ମ୍ୟାନ୍ ଅଫ ଦି ସିରିଜ୍ ଅଭିମନ୍ୟୁ ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ସଂଘ ସଭାପତି ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିଆରସିଂହ ଓ ସଞ୍ଜୟ ପାଇକରାୟ ମ୍ୟାଚ୍ ରେଫରୀ ଭାବେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଅର୍ଜୁନ ପରିଡ଼ା ଦାୟିତ୍ୱ ନିର୍ବାହ କରିଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଉଙ୍ଗା ଏବଂ ଏସଆର ରାୟ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ, ଅମିୟ ପ୍ରଧାନ ଓ କମଳ ଦାୟିତ୍ୱ ନିର୍ବାହ କରିଥିଲେ।



## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ଜଟଣୀ,୭।୧୨(ସମିସ):** ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଶନିବାର ସ୍ଥାନୀୟ ଜଟଣୀ କ୍ୟାମ୍ପସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟଧୀଶ ସନ୍ଦୀପ ମେହତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଆଇଏସ୍‌ଆର୍‌ଓର ସଚିବ ଓ ଅଧ୍ୟକ୍ଷ ଡଃ ଶ୍ରୀଧର ପଣିକ୍କର ସୋମନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଜ୍ଞାନ ଅନ୍ୱେଷଣରେ ଅଟଳ ରୁହନ୍ତୁ ବୋଲି କହିଥିଲେ। ଉପକୁଳପତି ଡଃ. ସୁପ୍ରିୟା ପଟ୍ଟନାୟକ ସ୍ନାତକମାନଙ୍କର କଠିନ ପ୍ରୟାସ ଏବଂ ଦୃଢ଼ ସଂକଳ୍ପକୁ ପ୍ରଶଂସା କରିଥିଲେ। ଉତ୍ସବରେ ୨୦୨୪ ବ୍ୟାଚ୍‌ର ୨,୭୩୮ ଶିକ୍ଷାର୍ଥୀ ଓ ପୂର୍ବବର୍ତ୍ତୀ ବ୍ୟାଚ୍‌ର ୧୩୮ ଶିକ୍ଷାର୍ଥୀଙ୍କ ସମେତ ୪୭ ଜଣ ଗବେଷକଙ୍କୁ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠିତ ସମ୍ମାନଗୁଡ଼ିକ ମଧ୍ୟରୁ ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣ ପ୍ରମାଣିକଙ୍କୁ ଧୀରେନ ପଟ୍ଟନାୟକ ସ୍ୱର୍ଣ୍ଣ ପଦକ ଏବଂ ପିଟର ରେନଓ୍ୱିକଙ୍କୁ ସ୍ମୃତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏହି ବ୍ୟକ୍ତିଗତ ସମ୍ମାନ ବ୍ୟତୀତ, ୧୯ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ଏବଂ ୪୯ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରୋ କୁଳପତି ବିଶ୍ୱଜିତ ମିଶ୍ର ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟନିଷ୍ଠା ଓ ମୂଲ୍ୟବୋଧ ସମ୍ପର୍କିତ ଶପଥପାଠ କରାଇଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ୍ ରାଓ , ରେଜିଷ୍ଟ୍ରାର ପ୍ରଫେସର ଅନୀତା ପାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



